### ଆନନ୍ଦ ବିମୋହିତ ଗାଁରୁ ସହର

# ଜଗତ କରିବ ଜଗା ପରିକ୍ରମା

**ବଲାଙ୍ଗିର, ୧୭।୧(ସମିସ)**

ମନ୍ଦିର ଦିଅଁଙ୍କୁ ଦର୍ଶନ କରି ଚତୁପାର୍ଶ୍ୱରେ ପରିକ୍ରମା କରିବା ହିନ୍ଦୁ ଧର୍ମ ପରମ୍ପରାର ଏକ ସ୍ୱତନ୍ତ୍ର ନୀତି। ଧର୍ମଶାସ୍ତ୍ର ଅନୁସାରେ ଏଭଳି କଲେ ଶରୀରରେ ସକରାତ୍ମକ ଉର୍ଜା ଉତ୍ପନ୍ନ ହୁଏ। ମନ ପ୍ରଫୁଲ୍ଲ ରହେ। ଘଣ୍ଟା କଣ୍ଟାର ଗତି ଦିଗରେ ମନ୍ଦିର ପରିକ୍ରମା କରିବା ଉଚିତ ବୋଲି ଶାସ୍ତ୍ରଜ୍ଞମାନେ ମତଦିଅନ୍ତି। ହିନ୍ଦୁ ଧର୍ମର ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ଜଗନ୍ନାଥ ଧାମରେ ଲୋକାର୍ପିତ ହୋଇଛି ପରିକ୍ରମା ପ୍ରକଳ୍ପ। ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ପରିକ୍ରମା ପ୍ରକଳ୍ପକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ଏହି ପ୍ରକଳ୍ପ ହେବା ଦ୍ୱାରା ସେମାନେ ସୁବିଧାରେ ମନ୍ଦିର ଦର୍ଶନ କରିବା ସହିତ ପରିକ୍ରମା କରିପାରିବେ ବୋଲି ମତପ୍ରକାଶ ପାଇଛି।

ଏହି ଅବସରରେ ଏଲଇଡି ସ୍କ୍ରିନ, ପ୍ରୋଜେକ୍ଟର ମାଧ୍ୟମରେ ପରିକ୍ରମା ପ୍ରକଳ୍ପର ସିଧାପ୍ରସାରଣ ଦେଖିଥିଲେ। ସେ ଜଗନ୍ନାଥଙ୍କ ଲୀଳା ଏମିତି ଯେ କୋଷେ ଦୂରେ ଥାଇ, ପରଦାରେ ଶ୍ରୀଜଗନ୍ନାଥ ଓ ତାଙ୍କର ପ୍ରକଳ୍ପକୁ ଦେଖି ସମସ୍ତେ ଆନନ୍ଦ ବିମୋହିତ ହୋଇଥିଲେ। ଜୟ ଜଗନ୍ନାଥ ଧ୍ୱନି ଓ ହୁଳହୁଳିରେ ସ୍ଥାନୀୟ ଅଞ୍ଚଳ କମ୍ପି ଉଠିଥିଲା। ଏଲଇଡି ସ୍କ୍ରିନ ସମ୍ମୁଖରେ ଭଜନ କୀର୍ତ୍ତନ କରି ଉତ୍ସବ ମନାଇଥିଲେ। ବଲାଙ୍ଗିରର ପୁଇଁତଲା ବ୍ଲକ ପରିସର, ଖପ୍ରାଖୋଲ ପଞ୍ଚାୟତ କାର୍ଯ୍ୟାଳୟ ଓ ଅନ୍ୟ ବ୍ଲକରେ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଓ ପରିକ୍ରମା ପ୍ରକଳ୍ପର ବିନ୍ଧାଣୀ ତଥା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଓଡ଼ିଶାବାସୀ କୃତଜ୍ଞତା ଜଣାଇଛନ୍ତି। ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଦର୍ଶନ ପାଇଁ ଦେଶବିଦେଶରୁ ଲକ୍ଷଲକ୍ଷ ସଂଖ୍ୟାରେ ଭକ୍ତମାନେ ଆସୁଛନ୍ତି।



# ଖତଖାଉଛି ନବନିର୍ମିତ ଆମିଷ ଭେଣ୍ଡିଂ ଜୋନ୍

**ଟିଟିଲାଗଡ଼, ୧୭।୧ (ସମିସ):** ଟିଟିଲାଗଡ ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ଅବ୍ୟବସ୍ଥିତ ଭାବରେ ଦୀର୍ଘଦିନ ଧରି ଆମିଷ ବଜାର ଚାଲିଛି। ଆମିଷ ଦୋକାନଗୁଡ଼ିକ ସହର ମଧ୍ୟରେ ମନଇଚ୍ଛା ଖୋଲାଯାଇ ସହରର ସୌନ୍ଦର୍ଯ୍ୟ ତଥା ସ୍ଥାନୀୟ ପରିବେଶକୁ କଳୁଷିତ କରୁଥିବା ବେଳେ ପୌର ପ୍ରଶାସନ ନିଦାବିଷ୍ଟ ପାଲଟିଛି। ବିଭିନ୍ନ ସ୍ଥାନରେ ଥିବା ଆମିଷ ଦୋକାନଗୁଡ଼ିକୁ ସହର ପାର୍ଶ୍ୱରେ ବ୍ୟବସ୍ଥିତ ଭାବରେ ସ୍ଥାପନ କରାଯିବାକୁ ସହରବାସୀ ତଥା ବୁଦ୍ଧିଜୀବୀ ମହଲରେ ବାରମ୍ବାର ଦାବି ହୋଇଆସୁଛି। ତେବେ, ପୌର ପରିଷଦ ପକ୍ଷରୁ ଏନେଇ ନିଆଯାଇଥିବା ପଦକ୍ଷେପ କାଗଜକଲମରେ ଚାଷ କରାଯାଉଥିବା ଜଣାପଡ଼ୁଛି।

ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ ହାଟପଦା ପଡ଼ା ମୁକ୍ତିଧାମ ନିକଟରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ଅନ୍ତର୍ଗତ ୨ ଲକ୍ଷ ୮୬ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ଭେଣ୍ଡିଂ ଜୋନ ପ୍ରକଳ୍ପର ଆରମ୍ଭ



ହୋଇ ୨୬.୦୭.୨୦୨୨ରେ ଶେଷ ହୋଇଥିଲା। ତେବେ ବର୍ଷାଧିକ କାଳ ବିତିଯାଇଥିଲେ ମଧ୍ୟ ଏହା ବର୍ତ୍ତମାନ ଯାଏ କାର୍ଯ୍ୟକ୍ଷମ ନ ହେବା ଯୋଗୁଁ ପରିତ୍ୟକ୍ତ ହୋଇ ଅସାମାଜିକ କାର୍ଯ୍ୟକଳାପର ପେଣ୍ଠସ୍ଥଳୀ ପାଲଟିଛି। ଅପରପକ୍ଷରେ ସହରର ସୌନ୍ଦର୍ଯ୍ୟକରଣ ବୃଦ୍ଧିକୁ ଗୁରୁତ୍ୱ ଦେଇ ପୌର ପରିଷଦ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବା ବେଳେ ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ଥିବା ଅବ୍ୟବସ୍ଥିତ ଆମିଷ ବଜାର ଏଥିରେ ମୁଖ୍ୟ ବାଧକ ସାଜିବା ସହ ପରିବେଶକୁ କଳୁଷିତ କରୁଛି। ଭେଣ୍ଡିଂ ଜୋନ କାର୍ଯ୍ୟକ୍ଷମ କରିବା ସହ ଆମିଷ ଦୋକାନଗୁଡ଼ିକୁ ବ୍ୟବସ୍ଥିତ କରାଯିବାକୁ ଦାବି ହୋଇଛି।

## ୩ ବାଇକ୍ ଜବତ, ଚୋର ଗିରଫ

**ପାଟଣାଗଡ, ୧୭।୧(ସମିସ):** ପାଟଣାଗଡ ପୁଲିସ ହସ୍ପିଟାଲ ସମ୍ମୁଖରୁ ଜଣେ ବାଇକ ଚୋରକୁ ଗିରଫ କରିବା ସହ ୩ଟି ବାଇକ ଜବତ କରିଛି। ଅଭିଯୁକ୍ତ ଜଣକ ହେଲା ଖପ୍ରାଖୋଲ ବ୍ଲକ ଦାନାମାଲ



ଗାଁର ସୁଶୀଳ ବାରିକ। ସେ ସମୟାନୁକ୍ରମେ ୪ଟି ବାଇକ ଚୋରି କରିଥିବାବେଳେ ପୁଲିସ ୩ଟି ବାଇକକୁ ଜବତ କରିଛି। ଡାକ୍ତରଖାନା ସମ୍ମୁଖରୁ ପୁଣି ଏକ ବାଇକ ଚୋରି କରି ନେଉଥିବାବେଳେ ପାଟଣାଗଡ ବ୍ରହ୍ମପୁରାଠାରେ ଏମଭିଆଇ ଚେକ କରୁଥିବା ଜାଣି ପୁଣି ବାଇକଟିକୁ ଆଣି ପାଟଣାଗଡ ଡାକ୍ତରଖାନାରେ ଛାଡି ଦେଇଥିଲା। ଏହି ଚାଲାକି ଜାଣିବାପରେ ତାକୁ ଗିରଫ କରି ଥାନାକୁ ଆଣିଥିଲା। ପୁଲିସ ତା'ଠାରୁ ବାଇକ୍ ସହ ଏକ ମୋବାଇଲ ଫୋନ୍ ସହ ୧ ହଜାର ଟଙ୍କା ଜବତ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଅନନ୍ତ ପଧାନ ସୂଚନା ଦେଇଛନ୍ତି।

## ଲୋକାର୍ପିତ ହେଲା ଗାନ୍ଧୀ ଭବନ ଲାଇବ୍ରେରୀ

**ବଲାଙ୍ଗିର, ୧୭।୧(ସମିସ):** ପୂର୍ବାହ୍ନରେ ଲୋକାର୍ପିତ ହେଇଛି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଗାନ୍ଧୀ ଭବନ ଲାଇବ୍ରେରୀ। ଜିଲ୍ଲାପାଳ ଚଞ୍ଚଳ ରାଣା ଏହାର ଉଦଘାଟନ କରିବା ସହ ପିଲାମାନଙ୍କ ପାଇଁ ଏହା ଖୁବ ସହାୟକ ହେବ ବୋଲି କହିଛନ୍ତି। ୫୦ ବର୍ଷର ଏହି କୋଠା ରୂପାନ୍ତରଣ ପରେ ଖୁବ ସୁନ୍ଦର ହୋଇଛି। ଏହାକୁ ଗତ ୩ ମାସ ହେଲା ରୂପାନ୍ତରଣ କରାଯାଉଥିଲା। ବଲାଙ୍ଗିର ବ୍ଲକ ପକ୍ଷରୁ ଏହାର କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ମହାନଦୀ କୋଲ ଫିଲଡ ଲିମିଟେଡ ସିଏସଆର ଫଣ୍ଡରୁ ଟଙ୍କା ଦେଇଥିଲା। ପାଠକ ଫୋରମର ସତ୍ୟ ପାଣିଗ୍ରାହୀ, ରଘୁନନ୍ଦନ ସିଂ, ବିଶିଷ୍ଟ ଗାନ୍ଧୀବାଦୀ ଜୟରାମ ମିଶ୍ର, ବିଡିଓ ଶରତ ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ ସାହୁ, ଗାନ୍ଧୀଭବନର ଘାସିରାମ ଖାଲସାଇ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଇଭିଏମ୍ ସଚେତନତା ରଥ ଶୁଭାରମ୍ଭ

**ଟିଟିଲାଗଡ଼, ୧୭।୧(ସମିସ):** ଆସନ୍ତା ନିର୍ବାଚନ ନେଇ ଭୋଟର ସଚେତନତା ରଥକୁ ଟିଟିଲାଗଡ଼ ଉପଜିଲ୍ଲାପାଳ ଦୟାମୟ ପାଢ଼ୀ ଶୁଭାରମ୍ଭ କରିଛନ୍ତି। ଉପଖଣ୍ଡ ଆନ୍ତର୍ଗତ ପ୍ରତ୍ୟେକ ବ୍ଲକ, ପୌର ପରିଷଦରେ ଦୁଇଟି ଲେଖାଏଁ ରଥ ପ୍ରତ୍ୟେକ ୱାର୍ଡ ବୁଲି ଲୋକଙ୍କୁ ଇଭିଏମରେ ଭୋଟଦାନ କରିବା ତାଲିମ ପ୍ରଦାନ କରିବ। ଏହି ଅବସରରେ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ନିର୍ମିତ ଅସ୍ଥାୟୀ ଷ୍ଟଲରେ ଲୋକଙ୍କୁ ଭୋଟ ଦେବା ତାଲିମ ଦିଆଯାଇଥିଲା। ଟିଟିଲାଗଡ଼ ସହକାରୀ ଜିଲାପାଳ ଚନ୍ଦ୍ରପ୍ରକାଶ ଦେହୁରୀ, ଉପଖଣ୍ଡ ନିର୍ବାଚନ କାର୍ଯ୍ୟାଳୟ କର୍ମଚାରୀ ଶ୍ୟାମ ସେଠ, ଝସକେତନ ବଢ଼ିଆ, ଦୟା ମହାପାତ୍ର, ଦେବେନ୍ଦ୍ର ନାଏକ, ଉତ୍ତମ ଚିନାଗୁନ, ସୁନୀଲ ତାଣ୍ଡି, ସୁରେଶ ସାହୁ ତଥା ବିଭିନ୍ନ ବ୍ଲକର ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ। ବିଭିନ୍ନ ରାଜନୈତିକ ଦଳରୁ ଘିନୁ ଆଡ଼ୟୁଆଡ଼, ପ୍ରଶାନ୍ତ ଷଡ଼ଙ୍ଗୀ, ଆଶିଷ ସାହୁ, ମୁକେଶ ଜୈନ, ଅଶୋକ ମିଶ୍ର, ରଣଜିତ ପୃଷ୍ଟି, ବିପିନ ଠାକୁର, ସୁରଥ ବେହେରା, ଧନପତି କାଲସାଇ, ଆଲୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ହାଇୱା ଚକ ତଳେ ଗଲା ଯୁବକଙ୍କ ଜୀବନ

**ବଲାଙ୍ଗିର, ୧୭।୧(ସମିସ):** ବଲାଙ୍ଗିରରେ ପୁଣି ହାଇୱା ଧକ୍କାରେ ଚାଲିଗଲା ଯୁବକଙ୍କ ଜୀବନ। ସହରର ଶାସ୍ତ୍ରୀନଗର ଛକଠାରେ ଏକ ହାଇୱା



ବାଇକକୁ ଧକ୍କା ଦେଇଥିବା ବେଳେ ଘଟଣାସ୍ଥଳରେ ହିଁ ଯୁବକଙ୍କ ଜୀବନ ଚାଲିଯାଇଥିଲା। ତେବେ ନିୟମିତ ଜନଗହଳିପୂର୍ଣ୍ଣ ଅଞ୍ଚଳ ଦେଇ ହାଇୱା ଚଳାଚଳକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏହିଭଳି ଭାବେ ବାରମ୍ବାର ହାଇୱା ଓ ଭାରୀଯାନ ଯୋଗୁ ଲୋକଙ୍କ ଜୀବନହାନି ହେଉଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

**ଶାସ୍ତ୍ରୀନଗର ଛକ ସଂକୀର୍ଣ୍ଣ ରାସ୍ତାରେ ଦୁର୍ଘଟଣା**

ସଦର ଥାନା ଅନ୍ତର୍ଗତ ଛତାପିପଲ ଗାଁର ବିଭୂତି ଭୂଷଣ କାଲସାଏ ନିଜ ବାଇକରେ ବଲାଙ୍ଗିର ଆସିଥିଲେ। ସେ ଆରଟିଏଓ ଛକ ପଟୁ ବଲାଙ୍ଗିର ଟାଉନକୁ ଆସୁଥିବା ବେଳେ ତାଙ୍କ ପଛରେ ଏକ ହାଇୱା ଆସି ଧକ୍କା ଦେଇଥିଲା। ସେ ହାଇୱାର ଚକରେ ପଡ଼ିଯିବାରୁ ମୁଣ୍ଡ ସମ୍ପୂର୍ଣ୍ଣ ଭାବେ ଦବିଯାଇ ଘଟଣାସ୍ଥଳରେ ଜୀବନ ଚାଲି ଯାଇଥିଲା। ହାଇୱାଟି ଶାସ୍ତ୍ରୀନଗର ଛକ ଭିତରେ ପଶି ନୂତନ ଭାବେ ନିର୍ମିତ ରିଂ ରୋଡ ଦେଇ ଶାନ୍ତିପଡ଼ାକୁ ଯାଉଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟାଇବା ପରେ ହାଇୱା ଡ୍ରାଇଭର ଗାଡି ରାସ୍ତାରେ ଛାଡି ଫେରାର ମାରିଥିଲା। ପୁଲିସ ଶବକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ଯୋଗାଯୋଗ କରିଥିଲା। ରାସ୍ତାରେ ଅଟକିରହିଥିବା ହାଇୱାକୁ ଜବତ କରି ଟାଉନ ଥାନାକୁ ନେଇଛି। ଏହା ଏକ ସଂକୀର୍ଣ୍ଣ ରାସ୍ତା ହୋଇଥିବା ବେଳେ ଏହା କେନ୍ଦ୍ରୀୟ ବିଦ୍ୟାଳୟକୁ ସଂଯୋଗ କରିଥାଏ। ଫଳରେ ଏହି ରାସ୍ତାରେ ଭାରୀଯାନ ଯାତାୟାତ କରୁଥିବାରୁ ଶିଶୁଙ୍କ ଯାତାୟାତ ଅସୁରକ୍ଷିତ ହୋଇରହିଛି।

## ଗଡିଲା ପୋଷ୍ୟ ସନ୍ତାନ ସଚେତନତା ରଥ

**ବଲାଙ୍ଗିର, ୧୭।୧ (ସମିସ):** ବଲାଙ୍ଗିର ସଦର ମହକୁମାରୁ ଗାଁକୁ ଗଡିଛି ପୌଷ ସନ୍ତାନ ଜନସଚେତନତା ରଥ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଏହି ରଥକୁ ଆଜି ସବୁଜ ପତାକା ଦେଖାଇ ଉଦଘାଟନ କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମହେନ୍ଦ୍ର ମହାପାତ୍ର। ଏହି ରଥ ଆସନ୍ତା ୩ ଦିନ ଗାଁରେ ବୁଲିବ। ଆଇନ ସମନ୍ୱିତ ପୌଷ ସନ୍ତାନ ଗ୍ରହଣ କରିବାକୁ ଏହା ସଚେତନ କରାଇବ। ଇଚ୍ଛୁକ ବ୍ୟକ୍ତିମାନେ ଅନଲାଇନରେ ନିର୍ଦ୍ଧାରିତ ଦେୟ ଦେଇ ପଞ୍ଜୀକରଣ କରାଇ ପାରିବେ। ଏହି ସଚେତନତା ରଥ ବୁଲିବା ଦ୍ୱାରା ପୌଷ ସନ୍ତାନ ଗ୍ରହଣ ସଂଖ୍ୟା ବଢିବ ବୋଲି ବିଭାଗର ଅଧିକାରୀ ଲକ୍ଷ୍ମୀ ସିଂ ସୂଚନା ଦେଇଛନ୍ତି।













# ଲୋଇସିଂହା ପ୍ରସିଦ୍ଧ ବଡ଼ଦେଓଙ୍କ ଯାତ୍ରା ସମ୍ପନ୍ନ

**ବଲାଙ୍ଗିର, ୧୭।୧(ସମିସ):** ଲୋଇସିଂହାରେ ଚଳିତବର୍ଷ ପ୍ରସିଦ୍ଧ ବଡଦେଓଙ୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ପ୍ରଭୁ ବଡଦେଓ ନିଜ ଗଡ଼ ଭିତରୁ ବାହାରି ଗ୍ରାମ ପରିକ୍ରମା କରିବା ସହ ଗ୍ରାମବାସୀଙ୍କୁ ଦର୍ଶନ ଦେଇଛନ୍ତି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବଡଦେଓ ଗ୍ରାମ ପରିକ୍ରମା କରିଥିବା ବେଳେ ଶେଷରେ ତ୍ରିଶୂଳ ପୁଷ୍କରିଣୀରେ ଗାଧୋଇ ନିଜ ଗମ୍ଭୀରା ଭିତରକୁ ଫେରିଛନ୍ତି। ଶୁକ୍ରବାର ଅପରାହ୍ନ ସମୟରେ ଆବଶ୍ୟକ ପୂଜାବିଧି ସମାପ୍ତ ହେବାପରେ ନିଜର ଗମ୍ଭୀରା ଭିତରୁ ପ୍ରଭୁ ବରୁଆ ମାନଙ୍କ ସାହାଯ୍ୟରେ ବାହାରିଥିଲେ। ଯାତ୍ରାର ପୂର୍ବଦିନ ଗ୍ରାମବାସୀ ଦେଇଥିବା ଗୁଆଘିଅ ଓ କଳାରାଶିକୁ ବଡଦେଓଙ୍କୁ ଲେପ ଦିଆଯାଇଥିଲା। ଏହାପରେ ପ୍ରାୟ ୧୨ଟାରେ ଅଖଣ୍ଡ ଜଳାଇ ବଡଦେଓଙ୍କୁ ସ୍ମରଣ କରାଯିବା ସହିତ ଆବାହନ



କରାଯାଇଥିଲା। ବଡଦେଓ ବିଶି ପାରମ୍ପରିକ ବ୍ରିକବାନା ବାଦନ କରି ପ୍ରଭୁଙ୍କୁ ଆବାହନ କରିବା ପରେ ବଡଦେଓ ଚାରି ଜଣ ବରୁଆଙ୍କ କାନ୍ଧରେ ବାହାରିଥିଲେ। ଜମିଦାର ପରିବାରର ପୁତ୍ରବଧୂ ଗୋଡଧୋଇ ପୂଜା କରିବା ପରେ ଗଡ଼ ଭିତରୁ ବଡଦେଓ ବାହାରକୁ ଆସିଥିଲେ। ପରେ ଗ୍ରାମର ଜଗନ୍ନାଥ, ଦୁର୍ଗା, ସମଲେଶ୍ୱରୀ ପ୍ରଭୃତି ମନ୍ଦିର ବୁଲିବା ସହିତ ଘର ଘର ଲୋକଙ୍କ ମାନସିକ ବୁଝିଥିଲେ। ପରେ ସ୍ଥାନୀୟ ତ୍ରିଶୂଳ ବନ୍ଧ ରାତ୍ରିରେ ବୁଡ ପକାଇ ଶୁଦ୍ଧ ହୋଇ ନିଜ ଗମ୍ଭୀରା ଭିତରକୁ ପ୍ରବେଶ କରିଥିଲେ। ଏହି ଅବସରରେ ଅଞ୍ଚଳ ତଥା ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

## ଅହଲ୍ୟାଙ୍କୁ ନୂଆ ଜୀବନ ଦେଲା ବିଜୁ ସ୍ମାର୍ଟ କାର୍ଡ

**ତୁରେକେଲା, ୧୭।୧ (ସମିସ):** ସଫଳ ହେଉଛି ରାଜ୍ୟ ସରକାରଙ୍କ ପରିକଳ୍ପନା। ଗରିବଙ୍କପାଇଁ ବରଦାନ ପାଲଟିଛି ବିଏସକେଓ୍ବାଇ ସ୍ମାର୍ଟ କାର୍ଡ। ନୂଆ ଜୀବନ ଦେଉଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା। ସୁସ୍ଥ ହେଉଛନ୍ତି ଗୁରୁତର ରୋଗୀ। ଜୀବନ ଯନ୍ତ୍ରଣାରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା



ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଅହଲ୍ୟା ସେଠଙ୍କୁ ବିଏସକେଓ୍ବାଇ କାର୍ଡ ଦେଇଛି ନୂଆ ଜୀବନ। ଅହଲ୍ୟା ଟ୍ୟୁମର ଆକ୍ରାନ୍ତ ହୋଇଥିଲେ। ପାଖରେ ସମ୍ବଳ ନଥିବାରୁ ଜୀବନ ସହ ସଂଗ୍ରାମ କରୁଥିଲେ ଅହଲ୍ୟା। ପରେ ବରିଷ୍ଠ ବିଜେଡି ନେତା ଅଜୟ ଦାସଙ୍କୁ କଣ୍ଟାବାଞ୍ଜି ବିଜେଡ଼ି କାର୍ଯ୍ୟାଳୟ ଯାଇ ତାଙ୍କ ଅସୁବିଧା ଜଣାଇଥିଲେ। ବିଜେଡି ନେତା ଶ୍ରୀ ଦାସ ଅହଲ୍ୟାଙ୍କୁ ଛତିଶଗଡ଼ ରାୟପୁରସ୍ଥିତ ଏକ ଘରୋଇ ହସ୍ପିଟାଲ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କ ଚିକିତ୍ସା କରି ବିଜୁ ସ୍ମାର୍ଟ କାର୍ଡ ମାଧ୍ୟମରେ ଅହଲ୍ୟାଙ୍କ ଟ୍ୟୁମର ଅପରେସନ କରାଯାଇଥିଲା। ବିଏସକେୱାଇ ସ୍ମାର୍ଟ କାର୍ଡରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପରେ ହୋଇଛନ୍ତି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେ ଫେରିବା ପରେ ଭିଡିଓ ମାଧ୍ୟମରେ କହିଛନ୍ତି ଯେ ମୁଁ ଆଜି ଗୋଟିଏ ନୂଆ ଜୀବନ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ନେତା ଅଜୟ ଦାସଙ୍କୁ ଅଶେଷ ଅଶେଷ ଧନ୍ୟବାଦ ବୋଲି ସେ କହିଛନ୍ତି।

## ବିଜେଡି କର୍ମୀ ସମ୍ମିଳନୀ

**ବଲାଙ୍ଗିର,୧୭।୧(ସମିସ):** କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ମୁରିବାହାଲ ବ୍ଲକ ଚଲକି ଛକ ମଣ୍ଡପଠାରେ ଇଚ୍ଛାପଡା, ଚଲକି ଓ ବାନ୍ଧୁପଲା ତିନୋଟି ପଞ୍ଚାୟତର ସମସ୍ତ ବିଜେଡି କର୍ମୀ ଦିଲୀପ ମହାନ୍ତିଙ୍କ ଆବାହନରେ ଯୋଗଦାନ କରି ଏକ କର୍ମୀ ସମ୍ମିଳନୀ କରିଥିଲେ। ମୁଖ୍ୟଅତିଥି ଭାବେ ହଂସରାଜ ଜୈନ ସଦସ୍ୟ ଡବ୍ଲୁଓଡିସି, ସମ୍ମାନିତ ଅତିଥି ନିରୁପମା ମାଝୀ ଉପାଧ୍ୟକ୍ଷା ଉନ୍ନୟନ ପରିଷଦ ବଲାଙ୍ଗିର, ବିଶିଷ୍ଟ ଅତିଥି ଗିରିରାଜ ସିଂମାଝୀ ଅବସରପ୍ରାପ୍ତ ବ୍ଲକ କାମାଣ୍ଡୋ, ଅନ୍ୟତମ ଅତିଥି ପିଙ୍କି ଖର୍ସେଲ, ଶ୍ରୀ ବିଷ୍ଣୁ ଯୁଆଡ ଉପସ୍ଥିତ ଥିଲେ। ସଂଯୋଜନା କରିଥିଲେ ବିଜେଡି ବରିଷ୍ଠ ନେତା ଦିଲୀପ ପୃଷ୍ଟି। ଉକ୍ତ ସଭାର ମୁଖ୍ୟଅତିଥି ସ୍ୱତନ୍ତ୍ର ଭାବରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ ସମସ୍ତଙ୍କୁ ବିଜେଡିକୁ ତୃଣମୂଳ ସ୍ତରରୁ ସମୃଦ୍ଧ କରିବାକୁ ନିବେଦନ କରିଥିଲେ।



# ବିଜୁ ପଟ୍ଟନାୟକ ଓପନ୍ ଚେସ୍ ଚାମ୍ପିଅନ୍‌ସିପ ଶେଷ

**କଣ୍ଟାବାଞ୍ଜି, ୧୭।୧(ସମିସ)**

କଣ୍ଟାବାଞ୍ଜି ଚେସ ଏସୋସେସନ ପକ୍ଷରୁ ହରିଭବନଠାରେ ଜିଲ୍ଲା ଚେସ ଏସୋସେସନ ସହଯୋଗରେ ପ୍ରଥମ ବର୍ଷ ସର୍ବଭାରତୀୟ ବିଜୁ ପଟ୍ଟନାୟକ ଓପନ ଚେସ ଚାମ୍ପିଅନସିପ ଉଦଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ଖେଳରେ ୯ ରାଉଣ୍ଡ ହୋଇଥିଲା। ରାଜ୍ୟ ତଥା ରାଜ୍ୟ ବାହାର ୧୬୭ ପ୍ରତିଯୋଗୀ ଭାଗ ନେଇଥିଲେ। ଚାମ୍ପିଅନ ଭାବେ ରାଉରକେଲାର ସାର୍ଥକ ଦେବତା, ଉପବିଜେତା ଭାବେ ଶ୍ରୀହନ ସାବତ ଗଞ୍ଜାମ, ଭବାନୀ ପ୍ରସାଦ ମେହେର କଣ୍ଟାବାଞ୍ଜି, ରାଜେଶ ବିହାର, ଲୋକାଲ ଚାମ୍ପିଅନ ସତୀଶ ମାରୁଙ୍କ ସହ ଅନ୍ୟ କ୍ଷେତ୍ରର ପ୍ରତିଯୋଗୀମାନେ ପୁରସ୍କୃତ ହୋଇଛନ୍ତି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ନଗରପାଳ ବରିୟାମ ସିଂହ



ସାଲୁଜା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ନିରୂପମା ମାଝୀ, ମାରୱାଡ଼ି ଯୁବା ମଞ୍ଚ ରାଜ୍ୟ ଉପସଭାପତି ଅଙ୍କୁର ଅଗ୍ରୱାଲ, ୟୁନିୟନ୍ ବ୍ୟାଙ୍କ ମ୍ୟାନେଜର ରାଜେଶ ଅଗ୍ରୱାଲ ସଭା ଟ୍ରଷ୍ଟ ଅଧ୍ୟକ୍ଷ ସୁରେଶ ଆର୍ଯ୍ୟ, ରଞ୍ଜିତ ସିଂହ ବାବୁ, ଆୟୋଜକ କମିଟି ସଭାପତି ସୁକଦେବ ମହାନ୍ତି, ସମ୍ପାଦକ ମହିନ୍ଦ୍ର ନାରାୟଣ ବେହେରା, ପ୍ରତିଯୋଗୀତା ପରିଚାଳକ ଭାବେଶ ମହାନ୍ତି, କୈଳାସ ଦୀପ, କ୍ଷୀରଧର ଦଲେଇ ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା କ୍ଷୀରଧର ଦଲେଇ କରିଥିବା ବେଳେ ସ୍ୱାଗତ ଭାଷଣ ଶୁକଦେବ ମହାନ୍ତି ଦେଇଥିଲେ। ଧନ୍ୟବାଦ ଜ୍ଞାପନ କରିଥିଲେ ଖେଳ ନିର୍ଦ୍ଦେଶକ ଆଶିଷ ଖଇତାନ। କଣ୍ଟାବାଞ୍ଜି ଚେସ ଏସୋସେସନ କାର୍ଯ୍ୟକାରୀ ସଭାପତି ସତୀଶ ମାରୁ, ଦେବେନ୍ଦ୍ର ଯୋଶୀ, ଜିତେଶ ମାରୁ, ଦେବ ମହାନ୍ତି, ପ୍ରଶାନ୍ତ ପାଢୀ, ବିଶ୍ୱନାଥ ଅଗ୍ରୱାଲ, ଅରବିନ୍ଦ ଚନ୍ଦନ, ବିବେକ ଶର୍ମା, ପ୍ରୀତିଶ ମହାନ୍ତି, ନୀଳ ପୁଟେଲ, ମନୀଷ ଜୈନ, ବିପୁଳ ମାରୁ, ନବିନ ଦୀପ ସହଯୋଗ କରିଥିଲେ।



# ବିଶ୍ୱ ଦେଖିଲା ବିଶ୍ୱନିୟନ୍ତାଙ୍କ ବିଜେସ୍ଥଳର ଭବ୍ୟ ରୂପ

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନର ସିଧା ପ୍ରସାରଣ ଦେଖିଲେ ଭକ୍ତ

**ଗୋଲାମୁଣ୍ଡା, ୧୭ ।୧(ସମିସ):** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପର ଉଦଘାଟନ ପାଇଁ ସରକାରଙ୍କ ତରଫରୁ ରାଜ୍ୟର ସମସ୍ତ ବ୍ଲକ ଓ ପଞ୍ଚାୟତରେ ସିଧା ପ୍ରସାରଣ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଗୋଲାମୁଣ୍ଡା ବ୍ଲକରେ ମଧ ଗୋଷ୍ଠି ଉନ୍ନୟନ ଅଧିକାରୀ ଅକ୍ଷମିତା କାର୍ତିକଙ୍କ ତତ୍ତ୍ୱାଧାନରେ ଜଗନ୍ନାଥ ପରିକ୍ରମା ପ୍ରକଳ୍ପର ସିଧାପ୍ରାସାରଣ ଭକ୍ତ ଦେଖିବାକୁ ପାଇଥିଲେ । ଏହି ଅବସରରେ ବିଭିନ୍ନ ପଞ୍ଚାୟତରୁ ହଜାର ହଜାର ଭକ୍ତ ଉପସ୍ଥିତ ରହି ସେମାନଙ୍କ ଘଣ୍ଟ, ଶଙ୍ଖ କୀର୍ତ୍ତନ, ହୁଳହୁଳି ଧ୍ୱନିରେ ବ୍ଲକ ପରିସର ପ୍ରକମ୍ପିତ ହୋଇଉଠିଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକର କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ନିକୁଞ୍ଜ ନାୟକ, ଗ୍ରାମ ରୋଜଗାର ସେବକ ହେମନ୍ତ ଦଳେଇ, ବିଶ୍ୱଦୀପକ ପାଣିଗ୍ରାହୀ, କୋଦଣ୍ଡ ବୁଦ୍ଧିଆ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ନାୟକ, ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।



## ଭବାନୀପାଟଣା ଟାଉନ୍ ହଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ଭବାନୀପାଟଣା, ୧୭ ।୧(ସମିସ):** ଶ୍ରୀକ୍ଷେତ୍ର ପୁରୀଠାରେ ବହୁ ପ୍ରତୀକ୍ଷିତ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଅତ୍ୟନ୍ତ ଧାର୍ମିକ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଲୋକାର୍ପିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପିତ କରିଥିବାବେଳେ ସାରା ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ ଆଦି ସ୍ଥାନରେ ଏହାର ଲାଇଭ୍ ଷ୍ଟ୍ରିମିଂ କରାଯାଇଥିଲା । ଏଇ ଅବସରରେ ଭବାନୀପାଟଣା ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଟାଉନହଲଠାରେ ଲାଇଭ୍ ଷ୍ଟ୍ରିମିଂ ସହିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ଅତିଥି ଭାବେ ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମୁନୀନ୍ଦ୍ର ହୋନ୍ନାଗା, ପୂର୍ବତନ ସଦର ବିଧାୟକ ଦୁଷ୍ମନ୍ତ ନାଏକ, ପୂର୍ବତନ ପୌରାଧ୍ୟକ୍ଷା ଲଳିତା ନାଏକ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧର୍ମେନ୍ଦ୍ର ନାଏକ, ବୀଣାପାଣି ସେଠୀ, ସାମନ୍ତ ଖମାରୀ, ଅଶେଶ୍ୱର ବାଗ, ପୀତବାସ ବେହେରା, କାଉନସିଲର ହାରାମଣି ଗଣ୍ଡ, କ୍ଷୀରସିନ୍ଧୁ ନାଏକ, ସଂଯୁକ୍ତା ପ୍ରଧାନ, ଜୟଶ୍ରୀ ଅଗ୍ରବାଲ, ମଞ୍ଜୁଶ୍ରୀ ନାଏକଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର, ବୁଦ୍ଧିଜୀବୀ ମହିଳା ଗୋଷ୍ଠୀ ସଦସ୍ୟା ଓ ସହରର ନାଗରିକଗଣ ଓ ଜଗନ୍ନାଥ ପ୍ରେମୀ ବହୁସଂଖ୍ୟାରେ ଉପସ୍ଥିତ ଥିଲେ । ପୌର ନିର୍ବାହୀ ଅଧିକାରୀ ଡ. ସତ୍ୟ ସମ୍ପର୍ଣ୍ଣା ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ପୌର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ଗାଁ ଗାଁରେ ପ୍ରକମ୍ପିତ ହେଲା 'ଜୟ ଜଗନ୍ନାଥ ଧ୍ୱନି'







**କୋକସରା, ୧୭ ।୧(ସମିସ):** ବୁଧବାର ବିଶ୍ୱ ଦେଖିଛି ବଶ୍ୱନିୟନ୍ତାଙ୍କ ବିଜେ ସ୍ଥଳର ଭବ୍ୟ ରୂପ । ପୁରୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ମହୋତ୍ସବ ପ୍ରତିଟି ଜଗନ୍ନାଥ ପ୍ରେମୀ ଓ ଶ୍ରଦ୍ଧାଳୁଙ୍କୁ ମହାପ୍ରଭୁଙ୍କ ଦର୍ଶନର ଦିବ୍ୟ ଅନୁଭୂତ ପ୍ରଦାନ କରିଛି । ପ୍ରତି ପଞ୍ଚାୟତରୁ ଲୋକଙ୍କୁ ଜୟ ଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବକୁ ଦେଖିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରି ପୁରୀ ପଠାଇଛନ୍ତି ରାଜ୍ୟ ସରକାର । ଯେଉଁମାନେ ପୁରୀ ଯାଇ ଏହି ଉତ୍ସବରେ ସାମିଲ ହୋଇ ପାରି ନାହାଁନ୍ତି ସେମାନଙ୍କ ପାଇଁ ପ୍ରତି ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟ, ବିଭିନ୍ନ ମନ୍ଦିର ପରିସରରେ ଭିଡିଓ ପ୍ରଦର୍ଶନୀ କରାଯାଇଛି । ଏହି କ୍ରମରେ କୋକସରା ବ୍ଲକ କାର୍ଯ୍ୟାଳୟ ସମେତ ବିଭିନ୍ନ ପଞ୍ଚାୟତରେ ପୁରୀରୁ ପ୍ରସାରିତ ଜୟ ଜଗନ୍ନାଥ ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବକୁ ସିଧାସଳଖ ଏଲଇଡି ଭିଡିଓ ମାଧ୍ୟମରେ ଦେଖିଛନ୍ତି ଲୋକେ । ତେବେ ସୁବୁଠି ହୁଳହୁଳି ସହ ଶୁଭିଥିଲା ଜୟ ଜଗନ୍ନାଥ ଧ୍ୱନି । ସୃଷ୍ଟି ହେଇଥିଲା ଆଧ୍ୟାତ୍ମିକ ପରିବେଶ । ବ୍ଲକ କାର୍ଯ୍ୟାଳୟଠାରେ ବିଡ଼ିଓ ସେହ୍ନପ୍ରଭା ମାଝୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ସମେତ ସିଆରପି, ଏମବିକେ, ମିଶନ ଶକ୍ତି ମହିଳା, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଜୟ ଜଗନ୍ନାଥ ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ଏଲଇଡି ମଧ୍ୟମରେ ଦେଖିଥିଲେ । କଳାହାଣ୍ଡିର ବିରବାଦ୍ୟ 'ଘୁମୁରା' ମାଧ୍ୟମରେ କାଶିବାହାଲ ଦଳ ଜଗନ୍ନାଥ ପରିକ୍ରମା ପ୍ରକଳ୍ପକୁ ଗୀତ ମାଧ୍ୟମରେ ବଖାଣି ଥିଲେ । ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ଲାଗି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭକ୍ତିଭରା ଜଗନ୍ନାଥ ଭଜନ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା ପରିଚାଳନା କରିଥିଲେ । ସେହିପରି ବ୍ଲକର ୨୨ଟି ପଞ୍ଚାୟତରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ଭକ୍ତଙ୍କ ପ୍ରବଳ ଉତ୍ସାହ

**କେସିଙ୍ଗା, ୧୭ ।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦେଖିବା ପାଇଁ କଳାହାଣ୍ଡି ଜିଲ୍ଲା କେସିଙ୍ଗାଠାରେ ଭକ୍ତଙ୍କ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା । କେସିଙ୍ଗା ଜଗନ୍ନାଥ ମନ୍ଦିର ପରିସରରେ ଏନ୍ଏସି ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା ଏଥିରେ କେସିଙ୍ଗା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କିରଣ ବେହେରା, ଦିବାକର ଜେନା, ନୃସିଂହ ବେହେରା, ମୋହନ ସାହୁ, ନାରାୟଣ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କେସିଙ୍ଗା ବ୍ଲକ ପକ୍ଷରୁ ୩ କିମି ଦୂର ତହସିର ଶିବ ମନ୍ଦିରର ଭକ୍ତିମୟ ପରିସରରେ ମଧ୍ୟ ଜନସାଧାରଣ ମନ୍ଦିର ପରିକ୍ରମା ପ୍ରକଳ୍ପ ଦେଖିବା ପାଇଁ ସମସ୍ତ ସୁବ୍ୟବସ୍ଥା କରାଯାଇଥିଲା । ଆଖ ପାଖ ଅଞ୍ଚଳରୁ ଆବାଳ ବୃଦ୍ଧବନିତା ଶ୍ରୀମନ୍ଦିର ପରିକ୍ରମା ପ୍ରକ ର ଉଦ†ାଟନ ଦେଖିବା ପାଇଁ ଉପସ୍ଥିତ ଥିଲେ । ଏଠାରେ ବ୍ଲକ ପକ୍ଷରୁ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, କେସିଙ୍ଗା ବିଡ଼ିଓ ପଦ୍ମନାଭ ପୁରୋହିତ, କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ସିକ୍କା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କେସିଙ୍ଗା ବ୍ଲକର ୨୬ଟି ଗ୍ରାମ ପଞ୍ଚାୟତରେ ଲୋକେ ମହାପ୍ରଭୁଙ୍କ ପରିକ୍ରମା ପ୍ରକଳ୍ପ ଉଦ†ାଟନ ଦେଖିଥିବା ଜଣାପଡ଼ିଛି ।

### ସମସ୍ତଙ୍କ ମୁହଁରେ 'ଜୟ ଜଗନ୍ନାଥ'

**ଜୟପାଟଣା, ୧୭ ।୧(ସମିସ):** ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି । ଏହି ଅବସରରେ ପ୍ରତି ଗ୍ରାମପଞ୍ଚାୟତ ସ୍ତରରେ ଲୋକେ ସେଇ ଶୁଭ ମୁହୂର୍ତ୍ତରେ ଟିଭି ମାଧ୍ୟମରେ ସାମିଲ ହୋଇ ଏହି ଐତିହାସିକ ସମୟର ସାକ୍ଷୀ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକର ୨୨ଟି ପଞ୍ଚାୟତରେ ଟିଭି ମାଧ୍ୟମରେ ଲାଇଭ ପ୍ରସାରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସରପଞ୍ଚ, ସମିତି ସଭ୍ୟ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ପ୍ରମୁଖ ବିଶେଷ ଭୂମିକା ଗ୍ରହଣ କରିଥିଲେ । ଏଥିରେ ଅଞ୍ଚଳରେ ଭକ୍ତଙ୍କ ସହ ଅନେକ ଜନ ସାଧାରଣ ସାମିଲ ହୋଇଥିଲେ । ଲୋକେ ପୁରୀ ନ ଯାଇ ନିଜର ଇଷ୍ଟଦେବ ଓଡ଼ିଆଙ୍କ ମଉଡ଼ମଣି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦଘାଟନକୁ ଦେଖି ଭାବ ବିଭୋର ହେବା ସହ ସାରା ଅଞ୍ଚଳ ଜୟ ଜଗନ୍ନାଥ ସ୍ୱରରେ ପ୍ରକମ୍ପିତ ହୋଇ ଉଠିଥିଲା ।

## କୁମଡ଼ି ଡଙ୍ଗରରୁ ଭାଲୁର ମୃତଦେହ ଉଦ୍ଧାର

**କୋକସରା, ୧୭ ।୧(ସମିସ):** ଧର୍ମଗଡ଼ ଫରେଷ୍ଟ ସେକ୍ସନ ଅଧୀନ ଡହଗାଁ ପଞ୍ଚାୟତ ସର୍ଗିଗୁଡ଼ା କୁମୁଡି ଡଙ୍ଗର ନିକଟରୁ ଏକ ଭାଲୁର ମୃତଦେହ ଉଦ୍ଧାର ହୋଇଛି । ବୁଧବାର ସକାଳୁ ସର୍ଗିଗୁଡ଼ା କୁମୁଡି ଡଙ୍ଗରର ରାଦନିସାଲ ନିକଟରୁ ଏକ ଭାଲୁର ମୃତ ଦେହ ସ୍ଥାନୀୟ



ଲୋକେ ଦେଖିବାକୁ ପାଇ ବନ ବିଭାଗକୁ ଖବର ଦେଇଥିଲେ । ଏହା ପରେ ବନପାଳ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଭାଲୁର ମୃତଦେହ ଉଦ୍ଧାର କରିଛନ୍ତି । ଅନ୍ୟପଟେ ଭାଲୁର କିଛି ସ୍ଥାନରେ ଖଣ୍ଡିଆ ହୋଇଥିବା ଦେଖିବାକୁ ମିଳିଥିବାବେଳେ ମୃତ୍ୟୁକୁ ନେଇ ସନ୍ଦେହ ଜାତ ହୋଇଛି । ଏଣେ ନିକଟସ୍ଥ ଡଙ୍ଗରରେ ବେଆଇନ ପଥର ବ୍ଲାଷ୍ଟିଂରେ ବ୍ୟବହୃତ ହେଉଥିବା ବାରୁଦ ଗୁଣ୍ଡ ଓ ଅନେକ ରାସାୟନିକ ସାମଗ୍ରୀ ଯୋଗୁଁ ବନ୍ୟପ୍ରାଣୀର ଏଭଳି ଅବସ୍ଥା ହୋଇଥିବା ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି । ଧର୍ମଗଡ଼ ଦକ୍ଷିଣ ବନଖଣ୍ଡ ଅଞ୍ଚଳରେ କେତେବେଳେ କଲରାପତରିଆ ବାଘଛାଲ ଜବତ ହେଉଛି ତ କେତେବେଳେ ବନ୍ଧୁକ ସହ ଶିକାରୀ, ଆଉ କେତେବେଳେ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ ବନ୍ୟପ୍ରାଣୀ ଆହତ ଅବସ୍ଥାରେ ଉଦ୍ଧାର ହେଉଥିବା ଘଟଣାକୁ ନେଇ ଚର୍ଚ୍ଚାରେ ରହିଛି । ଦିନକୁ ଦିନ କାଠ ମାଫିଆ ଓ ଶିକାରୀଙ୍କ ପାର୍ଦୁଭାବ ଯୋଗୁଁ ପ୍ରାଣ ବିକଳରେ ଗାଁ ମୁହାଁ ହେଉଥିବା ବନ୍ୟପ୍ରାଣୀ ବନ ବିଭାଗର ଅପାରଗତାକୁ ପଷ୍ଟ ପ୍ରମାଣ କରୁଛି । ଏ ବିଷୟରେ ଧର୍ମଗଡ଼ ରେଞ୍ଜ ଅଫିସର ଭବାନୀ ଶଙ୍କର କାଉଁରଙ୍କୁ ପଚାରିବାରୁ ମୃତ ଭାଲୁର ଶବ ବ୍ୟବଚ୍ଛେଦ କରାଯାଇଛି । ତା'ର ସ୍ୱାଭାବିକ ମୃତ୍ୟୁ ହୋଇଥିବା ସେ କହିଛନ୍ତି ।

## ଉଦ୍ଧାର ବନ୍ୟଜନ୍ତୁ ସମ୍ବର ନୁହେଁ; ନୀଳଗାଈ

**ଲଦୁଗାଁ, ୧୭ ।୧(ସମିସ):** ଶନିବାର କୋକସରା ବ୍ଲକ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଦେଇ ଏକ ବନ୍ୟପ୍ରାଣୀ ପାଣି ସନ୍ଧାନରେ ଆସି ଟେମରା ପଞ୍ଚାୟତ ସିର୍ଲିଗୁଡା ଦେଇ



ଯାଇଥିବା ମେଗାଲିଫ୍ଟ କେନାଲରେ ପଡ଼ି ଆଉ ବାହାରକୁ ଆସି ନ ପାରି ପାଣି ମଧ୍ୟରେ ଅସୁସ୍ଥ ହୋଇ ପଡ଼ି ରହିଥିଲା । ରବିବାର ସକାଳୁ କିଛି ସ୍ଥାନୀୟ ଲୋକମାନେ ଦେଖି ବେହେରା ଫରେଷ୍ଟ କର୍ମଚାରୀଙ୍କୁ ଖବର ଦେଇଥିଲେ । ଫରେଷ୍ଟ କର୍ମଚାରୀ ପହଞ୍ଚି ଜନ୍ତୁଟିକୁ ଉଦ୍ଧାର କରି କୋକସରା ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରିବା ପରେ ସୁସ୍ଥ ହେବା ପର୍ଯ୍ୟନ୍ତ ବେହେରା ଫରେଷ୍ଟ ଅଫିସରେ ରଖି ଚିକିତ୍ସା ସହ ଯତ୍ନ ନେଉଛନ୍ତି । ତେବେ ଉଦ୍ଧାର ହୋଇଥିବା ବନ୍ୟପ୍ରାଣୀକୁ ଏକ ମାଈ ସମ୍ବର ବୋଲି ପ୍ରଥମେ ଚିହ୍ନଟ କରିଥିବା ବେଳେ ଧର୍ମଗଡ଼ ରେଞ୍ଜର ଭବାନୀ ଶଙ୍କର କାଉରଙ୍କ କହିବା ଅନୁଯାୟୀ ଏହା ଏକ ନିଲଗାଈ । ସୁସ୍ଥ ହେବାପରେ ତାର ନିଜସ୍ୱ ପରିବେଶ ମଧ୍ୟରେ ନେଇ ଛଡ଼ାଯିବ ବୋଲି କହିଛନ୍ତି ।

## ତୁଳାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ଉଦ୍‌ଯାପିତ



**ନର୍ଲା, ୧୭ ।୧(ସମିସ):** ନର୍ଲା ବ୍ଲକ ତୁଳାପଡ଼ା ସ୍ଥିତ ବିଜୟାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ 'ନୂଆ-ଓ' କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ବିଧାୟକ ଭୂପିନ୍ଦର ସିଂ ଯୋଗଦେଇ ଏହାର ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଧର ସାହୁ, ମନମୋହନ ନାୟକ, ପରେଶ ନାୟକ, ସରପଞ୍ଚ ମଲ୍ଲିହାର ପଧାନ ପ୍ରମୁଖ ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡା, ଏଥଲେଟିକ୍, ସାଂସ୍କୃତିକ, ସାହିତ୍ୟ, ସାମାଜିକ କାର୍ଯ୍ୟ ଭଳି ତିନୋଟି ସ୍ତରରେ ପରିଚାଳିତ ହୋଇଥିଲା । ଅଧ୍ୟାପକ ରମେଶ ସ୍ୱାଇଁ, ବିଜୟ ଭୋଇ, ସମୀର ମହାପାତ୍ର, , ବ୍ରହ୍ମାନନ୍ଦ ଦାସ, ଓ ନୋଡାଲ ଅଫିସର ଭାବରେ ଦୀନବନ୍ଧୁ ରାଉତ ପରିଚାଳନା କରିଥିଲେ । ସେହିପରି ଉଦଯାପନୀ ଉତ୍ସବରେ ନର୍ଲା ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତି, ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ପ୍ରମୁଖ ଯୋଗ ଦେଇଥିଲେ । ଅଧ୍ୟକ୍ଷ ସୁଶୀଳ ସେନାପତିଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

## ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ୫ ମନ୍ଦିରକୁ ନିମନ୍ତ୍ରଣ



**ଭବାନୀପାଟଣା, ୧୭ ।୧(ସମିସ):** ୨୭ରେ ସମଲେଇ ପ୍ରକଳ୍ପ ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଶ୍ରୀ ଶ୍ରୀ ସମଲେଇ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଦେଓ କୁମାର ଅଜମେରିଆ, ଟ୍ରଷ୍ଟି, ମନୋଜ ରାୟ ପୂଜକ, ସଗନ୍ ରାୟ ପୂଜକ, ନୀଳାଚଳ ସେଠୀ ନୋଡାଲ ଅଧିକାରୀ କଳାହାଣ୍ଡି ଜିଲ୍ଲାର ୫ଟି ମନ୍ଦିରର ପୂଜକ, ମନ୍ଦିର କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ କରିଛନ୍ତି । କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଉପ ଜିଲ୍ଲାପାଳ ଭବାନୀପାଟଣା ବିଶ୍ୱଜିତ ଦାସ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ସ୍ୱାଗତ କରିଥଲେ । ସମାବେଶରେ ରାଜବାଟିସ୍ଥିତ ମା ମାଣିକେଶ୍ୱରୀ ମନ୍ଦିର, ଥୁଆମୂଳ ରାମପୁର ମା ମାଣିକେଶ୍ୱରୀ ମନ୍ଦିର, ଜୁନାଗଡ଼ ମା ଲଙ୍କେଶ୍ୱରୀ ମନ୍ଦିର, ଧର୍ମଗଡ଼ ମା ଭଣ୍ଡାରଘରଣୀ ମନ୍ଦିର ଏବଂ ଏମ ରାମପୁର କାଳୀ ମନ୍ଦିରର ପୂଜକ ଓ ମନ୍ଦିର କର୍ମକର୍ତ୍ତା ନିମନ୍ତ୍ରଣ ପତ୍ର ଓ ଗୁଆ ଗ୍ରହଣ କରିଥିଲେ ।

## ପଞ୍ଚଭୂତରେ ଲୀନହେଲେ ଆଦିବାସୀ ସଂସ୍କୃତି ଗବେଷକ

**ନର୍ଲା, ୧୭ ।୧(ସମିସ):** ଆଦିବାସୀ ସଂସ୍କୃତି ଗବେଷକ ମେଦିନୀଧର ଜାନୀ ଆଉ ନାହାନ୍ତି । ତାଙ୍କର ଜୀବନଚର୍ଯ୍ୟା ଓ ସ୍ୱାସ୍ଥ୍ୟାବସ୍ଥା ଜାଣିଥିବା ପ୍ରତ୍ୟେକଙ୍କ ପାଇଁ ଏହି ଖବର ବିଶ୍ୱାସଯୋଗ୍ୟ ହେଉନାହିଁ; ହେଲେ ଏହି



ନିଷ୍ଠୁର ସତ୍ୟକୁ ସ୍ୱଚକ୍ଷୁରେ ଦେଖି ବୁଧବାର ଶହ ଶହ ଲୋକ ଶୋକାଭିଭୂତ ହୋଇଛନ୍ତି । ଶ୍ରୀ ଜାନୀଙ୍କ ମରଶରୀର ଗାଁରେ ପହଞ୍ଚିବା ପୂର୍ବରୁ ବାଲିପଡ଼ାଠାରୁ ଶତାଧିକ ଲୋକ ଶୋଭାଯାତ୍ରାରେ ତାଙ୍କ ଗାଁ ଯୋଡାବନ୍ଧ ଯାଇଥିଲେ । କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର ତଥା ତାଙ୍କ ପରିଚିତ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ ପାଇଁ ଗାଁରେ ପହଞ୍ଚିଥିଲେ । ଏକ ଅଭୂତପୂର୍ବ ଶୋକାକୁଳ ପରିବେଶ ଭିତରେ ତାଙ୍କର ଶେଷକୃତ୍ୟ ଗାଁ ନିକଟସ୍ଥ ସାନ୍ଦୁଲ ନଦୀ ମଶାଣିରେ ଅନୁଷ୍ଠିତ ହୋଇଥିଲା । ନର୍ଲା ପ୍ରେସ୍ କ୍ଲବ ତରଫରୁ ଶ୍ରୀ ଜାନୀଙ୍କ ଅମର ଆତ୍ମାର ସଦଗତି କାମନା କରି ତାଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି । ସୂଚନା ଅନୁଯାୟୀ ନର୍ଲା ବ୍ଲକ ଯୋଡାବନ୍ଧ ଗ୍ରାମର ମେଦିନୀଧର ଜାନୀ ଜଣେ ଆଦିବାସୀ ସଂସ୍କୃତି ଗବେଷକ ଭାବରେ ଜିଲ୍ଲା ତଥା ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରତିଷ୍ଠିତ ବ୍ୟକ୍ତି । ତାଙ୍କର ଆଦିବାସୀ ସଂସ୍କୃତି ପ୍ରତି ସମ୍ବେଦନା ଓ ଉତ୍ସର୍ଗୀକୃତ ଗବେଷଣା ଯୋଗୁଁ ଅନେକ କ୍ଷେତ୍ରରେ ସମ୍ମାନିତ ପ୍ରଶଂସିତ ମଧ୍ୟ । ସେ ତାଙ୍କର କର୍ମମୟ ଜୀବନ ଶିକ୍ଷକତାରୁ ଆରମ୍ଭ କରିଥିଲେ; ହେଲେ ନିଜ ଜାତି ଭାଇଙ୍କ ଉନ୍ନତି ଓ ସଂସ୍କୃତି ପ୍ରତି ତାଙ୍କର ଆବେଗ ଯୋଗୁଁ ଅବସର ସମୟର ୬ ବର୍ଷ ଆଗରୁ ୨୦୦୬ରେ ସ୍ୱେଚ୍ଛାକୃତ ଅବସର ନେଇ ନିରନ୍ତର ଜାତି ସଂସ୍କୃତି ଓ ଭାଷା ଉପରେ ଗବେଷଣା ଓ ପ୍ରସାର ଦିଗରେ ଚେଷ୍ଟିତ ଥିଲେ ।

## ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ହସ୍ତଶିଳ୍ପ ପ୍ରଦର୍ଶନୀ



**ଭବାନୀପାଟଣା, ୧୭ ।୧(ସମିସ):** ୨୬ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ଅବସରରେ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ଉତ୍ସବ ସ୍ଥଳ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡ଼ିୟମ ପରିସରରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ, ବୟନ ଶିଳ୍ପ ବିଭାଗ ତରଫରୁ ୫୦ଟି ଆକର୍ଷଣୀୟ ଷ୍ଟଲ୍ କରାଯାଇଛି । ଏଇ ଷ୍ଟଲଗୁଡ଼ିକରେ ଜିଲ୍ଲା ତଥା ଜିଲ୍ଲା ବାହାରର କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ କଂସା, ପିତ୍ତଳ, ମାଟି, କାଠ, ବେତ ଆଦି ବିଭିନ୍ନ ଦ୍ରବ୍ୟରେ ତିଆରି ବିଭିନ୍ନ କଳାକୃତି ଓ ଉପକରଣ ସ୍ଥାନ ପାଇଛି । ଏଇ ଷ୍ଟଲଗୁଡ଼ିକରେ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ ଉପଲବ୍ଧ ହେଉଥିବାରୁ ହଜାର ହଜାର ଲୋକେ ଏଇ ଷ୍ଟଲଗୁଡ଼ିକରେ ଭିଡ଼ ଜମାଉଛନ୍ତି । ସେହିପରି ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ପକ୍ଷରୁ ଖୋଲାଯାଇଥିବା ହାତବୁଣା କପଡ଼ା ଷ୍ଟଲ ସମେତ ହାତ ତିଆରି ଗହଣା ସମ୍ଭାରଗୁଡ଼ିକରେ ଯୁବତୀ ଓ ମହିଳାମାନଙ୍କ ବେଶ୍ ଭିଡ ପରିଲକ୍ଷିତ ହେଉଛି । ତେବେ ଉତ୍ସବ ଶେଷ ହେବା ପରେ ବି ବିକ୍ରିବଟା ପାଇଁ ଦିନଟିଏ ଷ୍ଟଲ ଗୁଡ଼ିକ ଖୋଲା ରହିବ ବୋଲି ଜଣାପଡ଼ିଛି ।

## ନିଖୋଜ ବ୍ୟକ୍ତିଙ୍କ ଶବ ଉଦ୍ଧାର

**କୋକସରା/ଆମପାଣି, ୧୭ ।୧(ସମିସ):** କୋକସରା ବ୍ଲକ ଆମପାଣି ଥାନା ସାହାଜଖୋଲ ଜଙ୍ଗଲ ମଧ୍ୟରେ ଥିବା ଆନ୍ଦିଝର ନିକଟସ୍ଥ ଜଙ୍ଗଲରୁ ବୁଧବାର ଜଣେ ବ୍ୟକ୍ତିଙ୍କ ଗଳିତ ଶବ ପୁଲିସ ଉଦ୍ଧାର କରିଥିବା ଜଣାପଡ଼ିଛି । ମୃତକ ଜଣକ କୋକସରା ଥାନା ଅଧିନ ବାଙ୍କିମୁଣ୍ଡା ଗ୍ରାମର ସ୍ୱର୍ଗତ କୃପା ପୁଝାରୀଙ୍କ ପୁଅ ଗୌରାଙ୍ଗ ପୁଝାରୀ (୫୦) ।. ଗୌରାଙ୍ଗର ମାନସିକ ସ୍ଥିତି ଠିକ୍ ନ ଥିବା ବେଳେ ସେ ସପ୍ତାହେ ଆଗରୁ ଘରୁ ବାହାରି ଯାଇଥିଲେ । ଏ ନେଇ ପରିବାର ଲୋକ କୋକସରା ଥାନାରେ ଏକ ନିଖୋଜ ମାମଲା ଦେଇଥିଲା । ହେଲେ ଆଜି ସକାଳୁ ଆନ୍ଦିଝରନ ନିକଟବର୍ତ୍ତୀ ଜଙ୍ଗଲରେ ପ୍ରବଳ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ସେଠାକୁ ଦେଖିବାକୁ ଯାଇଥିଲେ । ତେବେ ଏକ ଝୁଲନ୍ତା ମୃତ ଦେହ ଦେଖିବାକୁ ପାଇ ଆମପାଣି ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ପରିବାର ଲୋକଙ୍କୁ ଖବର ଦେବାସହ ଶବ ଚିହ୍ନଟ କରିଥିଲେ । ଦୀର୍ଘ ସପ୍ତାହେ ହେବ ଗଛରେ ଝୁଲି ରହି ଶବ ସଡିଯାଇ ଦୁର୍ଗନ୍ଧ ବାହାରୁଥିଲା । ତେବେ ଶବ ଉଦ୍ଧାର ପରେ ବ୍ୟବଛେଦ ପାଇଁ ଡାକ୍ତରଖାନା ନେବା ସମ୍ଭବ ହୋଇ ନ ଥିଲା । ଫଳରେ ଘଟଣାସ୍ଥଳରେ ହିଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ଦ୍ୱାରା ଶବ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡ଼ିଛି । ଏ ନେଇ ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଏସ୍ଆଇ ରାଜେଶ ପରିଡ଼ା ସୂଚନା ଦେଇଛନ୍ତି ।

# ସରଗଜରେ ଶ୍ରୀବିଷ୍ଣୁ ମହାଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ତରଭା, ୧୭ ।୧(ସମିସ):** ତରଭା ବ୍ଲକ ସରଗଜ ଗ୍ରାମରେ ନବ ଦିନ ବ୍ୟାପି ବାସ୍ତରୀ ପ୍ରହର ନାମଯଜ୍ଞ ହେବାର ସ୍ଥିରିକୃତ ହୋଇଛି । ଏହି ଅବସରରେ ବୁଧବାର ପୂର୍ବାହ୍ନରେ ଧୁମଧାମରେ ଶୁଭସ୍ତମ୍ଭ ସ୍ଥାପନ ହୋଇଛି । ଶ୍ରୀ ବିଷ୍ଣୁ ମହାଯଜ୍ଞକୁ ନେଇ ବର୍ଷେ ହେଲା ଆୟୋଜନ ହୋଇ ସରଗଜ ତଥା ଆଖ ପାଖ ଅଞ୍ଚଳର ବିଭିନ୍ନ ଗ୍ରାମ ସହ ସହଯୋଗ ପାଇଁ ଯୋଗାଯୋଗ ଜାରି ରହିଥିଲା । ଏ ନେଇ ମହାଯଜ୍ଞର ସଭାପତି ଗୋପାଳ ଚରଣ ମିଶ୍ର, କାର୍ଯ୍ୟକାରୀ ସଭାପତି ସୁଧିରେନ୍ଦ୍ର ମିଶ୍ର, ସମ୍ପାଦକ ଶ୍ରୀମନ୍ତ ମିଶ୍ର, କୋଷାଧକ୍ଷ ଚନ୍ଦ୍ରଭାନୁ ସା, ପଣ୍ଡିତ ମହାଦେବ ମିଶ୍ର, ଭବାନୀଶଙ୍କର ମିଶ୍ରଙ୍କ ସମେତ ଗ୍ରାମର ବହୁ ସଦସ୍ୟ ଅଂଶ ଗ୍ରହଣ କରି କାର୍ଯକ୍ରମକୁ ଆଗେଇ ନେବାରେ ଲାଗିପଡ଼ିଛନ୍ତି । ପ୍ରକାଶ ଥାଉକି ଏହି ମହାଯଜ୍ଞ ସରଗଜ ଗ୍ରାମର ପୂର୍ବ ଜନବସତି ବର୍ତ୍ତମାନ ସରଗଜରୁ ଅନତି ଦୂର ଡେଙ୍ଗପଦରଠାରେ ଅନୁଷ୍ଠିତ ହେବ; ଯାହା ଏବେ ପଦର ନାମରେ ନାମିତ ହୋଇଛି । ଶୁଭସ୍ତମ୍ଭ ସ୍ଥାପନ ଅବସରରେ ଏକ ବିରାଟ ମହିଳା ଓ ପୁରୁଷଙ୍କ ସହ ସଂକୀର୍ତ୍ତ ପଟୁଆରରେ ଗ୍ରାମ ପରିଭ୍ରମଣ ପୂର୍ବକ ଶୋଭାଯାତ୍ରା ବାହାରି ନିର୍ଦ୍ଧାରିତ ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ । ସେଠାରେ ଭୂମିପୂଜନ, ପୂଜାବିଧି ସହ ହଳ ନଙ୍ଗଳରେ କ୍ଷେତ୍ର ଜୋତାଯାଇ ପଞ୍ଚଶସ୍ୟ ବିପନ ପରେ ରୀତିନୀତି ଅନୁଯାୟୀ ପଣ୍ଡିତ ମହାଦେବ ମିଶ୍ର ଓ ସୁଧିରେନ୍ଦ୍ର ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରି ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ଏହି ମହାଯଜ୍ଞ ମାର୍ଚ୍ଚ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହା ପାଞ୍ଚ ଯଜ୍ଞ ବିଶିଷ୍ଟ ନାମଯଜ୍ଞ, ଜପଯଜ୍ଞ, ଜ୍ଞାନଯଜ୍ଞ, ହୋମଯଜ୍ଞ ଓ ଅର୍ଣ୍ଣଯଜ୍ଞ ଭାବେ ପରିଗଣିତ ହୋଇ ଫାଲଗୁନ ପୂର୍ଣ୍ଣିମାରେ ପୂର୍ଣ୍ଣାହୂତି ପଡ଼ିବାର ସ୍ଥିରିକୃତ ହୋଇଛି ।

# ଭକ୍ତ ଦେଖିଲେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ସିଧା ପ୍ରସାରଣ

**ସୋନପୁର, ୧୭।୧ (ସମିସ)**

ବୁଧବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହୋଇଛି । ଏହି ଦିବ୍ୟ ସମାରୋହର ସିଧା ପ୍ରସାରଣ ପାଇଁ ସୋନପୁରରେ ସୁବନ୍ଦୋବସ୍ତ କରାଯାଇଥିଲା । ହଜାର ହଜାର ଜନସାଧାରଣ ସମଲେଇ ଟକିଜ୍ ସମ୍ମୁଖରେ ଚାଲିଥିବା ସିଧା ପ୍ରସାରଣ ଦେଖି ଆନନ୍ଦିତ ହୋଇଥିଲେ । ତେବେ ଏହା ସହ କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀ ଏବଂ ସହଯୋଗୀଙ୍କ ଭଜନ ପରିବେଷଣ ସମସ୍ତଙ୍କୁ ଅଭିଭୂତ କରିଥିଲା । ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା ତାମସୀ ତାମସ୍ମିତା ନାୟକ, ଉପାଧକ୍ଷା ମଲ୍ଲିକା ଦାନୀ, ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡାଙ୍କ ସହ ବହୁ କାଉନସିଲର ଯୋଗ ଦେଇଥିଲେ । କୀର୍ତ୍ତନ୍ୟ ଦଳ ସହ ହଜାର ହଜାର ଶ୍ରଦ୍ଧାଳୁ ଏଠାରେ ପୁରୀରେ ଚାଲିଥିବା ଲୋକାର୍ପଣ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ । ଏହି ଅବସରରେ ବଡ ଜଗନ୍ନାଥ ମନ୍ଦିରରେ ମଧ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ମନ୍ଦିରକୁ ରଙ୍ଗ ବେରଙ୍ଗର ଫୁଲରେ ସଜେଇ ଦିଆଯାଇଥିଲା । ମନ୍ଦିର ଭିତରେ ମଧ ନାମ କୀର୍ତ୍ତନ ଆୟୋଜିତ ହୋଇଥିଲା ।

# ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ସିଧା ପ୍ରସାରଣ



**ଚାରିଛକ, ୧୭ ।୧(ସମିସ):** ହରଭଙ୍ଗା ବ୍ଲକ ପକ୍ଷରୁ ଚାରିଛକ(ଠିଡିକାଜୋରସ୍ଥିତ) ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଦେଖିବା ପାଇଁ ଏଲଇଡି ସ୍କ୍ରିନର ବନ୍ଦୋବସ୍ତ କରାଯାଇଥିଲା । ମହାପ୍ରଭୁଙ୍କ ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବରେ ଜିଲ୍ଲାପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ, ବ୍ଲକ ଅଧକ୍ଷା ସ୍ନେହଲତା ପ୍ରଧାନ, ଉପାଧକ୍ଷ ସରୋଜ ପ୍ରଧାନ, ଭୈରବୀ ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ ପ୍ରଧାନ, ହରଭଙ୍ଗା ବ୍ଲକ ସାମ୍ବାଦିକ ସଂଘ ସଭାପତି ନରେନ୍ଦ୍ର ସାହୁ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ମିଶନ ଶକ୍ତି ମହିଳା, ବରିଷ୍ଠ ନାଗରିକ, ବ୍ରାହ୍ମଣ ସମାଜର କର୍ମକର୍ତ୍ତା, ବ୍ଲକର ସମସ୍ତ କର୍ମଚାରୀ ପ୍ରମୁଖ ଯୋଗଦେଇ ଭବ୍ୟ ଲୋକାର୍ପଣ କାର୍ଯ୍ୟକ୍ରମରେ ଭାବ ବିହ୍ୱଳ ହୋଇଥିଲେ ।

# କାଳିଆ ଭକ୍ତିରେ ବାନ୍ଧି ରଖିଲା 'ଲକ୍ଷ୍ମୀ ପୁରାଣ'





**ସୋନପୁର, ୧୭ ।୧(ସମିସ):** ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଶୁଭ ଉଦ୍‌ଘାଟନ ଅବସରରେ ସୋନପୁର ନୂତନ ଟାଉନ ହଲ୍‌ରେ ନାଟକ 'ଲକ୍ଷ୍ମୀ ପୁରାଣ' ମଞ୍ଚସ୍ଥ ହୋଇଛି । ଜଗନ୍ନାଥ ସଂସ୍କୃତି ଆଧାରିତ ଡ. ପୁରୁଷୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକରେ କଳାକାରମାନେ ନିଖୁଣ ଅଭିନୟ କରିଥିଲେ । ନାଟକଟି ଉପସ୍ଥିତ ଦର୍ଶକଙ୍କୁ କାଳିଆ ଭକ୍ତିରେ ବାନ୍ଧି ରଖିଥିଲା । ସୋନପୁର ଟ୍ରେଣ୍ଡି ଏକାଡେମୀ ଏବଂ ପାଣିସିଆଳି ମା କଳାପାଟ କ୍ଲବର କଳାକାର ନାଟକରେ ଅଭିନୟ କରିଥିଲେ । ବୈଷ୍ଣବ ପାଣି, ମହେଶ୍ୱର ଏବଂ ମାଗୁଣିଙ୍କ ରଚିତ 'ଲକ୍ଷ୍ମୀ ପୁରାଣ' ନାଟକ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ଏବଂ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ପରିବେଷିତ ହୋଇଥିଲା । ତେବେ ବହୁଦିନ ପରେ ଦର୍ଶକ ଗୀତିନାଟ୍ୟର ମଜା ନେଇଥିଲେ । ଏହି ସମାରୋହରେ ଏଡିଏମ ଅଞ୍ଜଳିନା ପ୍ରଧାନ ଯୋଗଦେଇ ରାଜ୍ୟବାସୀଙ୍କ ପାଇଁ ଆଜି ଆନନ୍ଦର ଦିନ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷା ତାମସୀ ତାମସ୍ମିତା ନାୟକ, ଡେପୁଟି କଲେକ୍ଟର କେ.ରିଚି କୁମାର, ବରିଷ୍ଠ ଅଭିନେତା ରମେଶ ନାୟକ, ଡିଆଇପିଆରଓ ଅଶ୍ୱିନୀ ଭୋଇ, ନାଟ୍ୟ ନିର୍ଦ୍ଦେଶକ ଶ୍ୟାମାଓଁ ପ୍ରସାଦ ମିଶ୍ର, ଅଭିନେତା ସୁରେଶ ରଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

# ନାଟକ 'ଦାରୁବ୍ରହ୍ମ' ମଞ୍ଚସ୍ଥ

**ବୌଦ୍ଧ, ୧୭ ।୧(ସମିସ):** ବୁଧୁବାର ସନ୍ଧ୍ୟାରେ ସ୍ଥାନୀୟ ମାଉସୀ ମା ମନ୍ଦିର ପରିସରରେ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଉଦଘାଟନ ଉପଲକ୍ଷେ ଜଗନ୍ନାଥ ସଂସ୍କୃତିକୁ ଆଧାର କରି ନାଟକ 'ଦାରୁବ୍ରହ୍ମ' ମଞ୍ଚସ୍ଥ ହୋଇଯାଇଛି । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସମସ୍ତ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ନାଟ୍ୟକାର ହରିହର ପ୍ରଧାନ ଯୋଗ ଦେଇଥିଲେ । ବଉଲ ନାଟ ଏଣ୍ଡ କଲଚରାଲ ଆସୋସିଏସନ, ବ୍ରାହ୍ମଣୀ ଦ୍ୱାରା ଉପସ୍ଥାପିତ ଏବଂ ନାଟ୍ୟକାର ଲକ୍ଷ୍ମଣ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ନାଟକ ଦାରୁବ୍ରହ୍ମରେ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା । ନାଟକଟିକୁ ଡାକ୍ତର ଶୈଳେଶ୍ୱର ନନ୍ଦ ରଚନା କରିଥିବାବେଳେ ନାଟ୍ୟକାର ହରିହର ପ୍ରଧାନ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବସନ୍ତ ସାହୁ, ପ୍ରଶାନ୍ତ ଭାଇନା, ବାମନ ଚରଣ ମହାନ୍ତି, ରେଣୁକା, ଶ୍ରବଣ ଓ ସତ୍ୟ ପ୍ରମୁଖ ସହଯୋଗ କରିଥିଲେ ।



# ବୌଦ୍ଧରେ ଭବ୍ୟ କାର୍ଯ୍ୟକ୍ରମ



**ବୌଦ୍ଧ, ୧୭ ।୧(ସମିସ):** ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏନଏସି ନିର୍ବାହୀ ଅଧିକାରୀ ଅଶୋକ ବେହେରା, ଉପାଧକ୍ଷା ସୁଭାଷିନୀ ସେଠୀ, ଗୋଷ୍ଠୀ ସଂଗଠିକା ସୁପର୍ଣ୍ଣା ମହାନ୍ତି, କନିଷ୍ଠ ଯନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ସମେତ ସମସ୍ତ କାଉନସିଲର ଓ ଏନଏସିର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ କାର୍ଯ୍ୟକ୍ରମକୁ ବିଭିନ୍ନ ସ୍ଥାନରୁ ଆସିଥିବା କୃଷ୍ଣଗୁରୁ ଦଳ ନାମ ସଂକୀର୍ତ୍ତନ୍ୟ କରି ଭାବମୟ ପରିବେଶ ସୃଷ୍ଟି କରିଥିଲେ । ଏତଦ ବ୍ୟତୀତ ବିଭିନ୍ନ ସ୍ଥାନରୁ ଆସିଥିବା ସାଂସ୍କୃତିକ ଦଳ ଶ୍ରୀଜଗନ୍ନାଥଙ୍କ ଭଜନ ମଧ ପରିବେଷଣ କରିଥିଲେ । ଏଲଇଡି ମାଧମରେ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବକୁ ଶ୍ରଦ୍ଧାଳୁ ଦେଖିଥିଲେ । ବୌଦ୍ଧ ଏନଏସି ଅନ୍ତର୍ଗତ ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ବିଭିନ୍ନ ୱାର୍ଡରୁ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏଭଳି କାର୍ଯ୍ୟକୁ ଉପସ୍ଥିତ ସମସ୍ତ ଜନସାଧାରଣ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସଂକୀର୍ତ୍ତନ ପରିବେଷଣ କରିଥିବା କୃଷ୍ଣଗୁରୁ ଦଳ ରାଜନପାଲି, ରାମଗଡ଼ର କୋଡାପଡ଼ା, ବଘାରପାଲି ଦଳକୁ ଏନଏସି ତରଫରୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା ।

# ପଞ୍ଚାୟତ ପକ୍ଷରୁ ପରିକ୍ରମା ପ୍ରକଳ୍ପର ପ୍ରସାରଣ ବ୍ୟବସ୍ଥା

**ଶଗଡ଼ା, ୧୭ ।୧ (ସମିସ):** ଓଡ଼ିଶାବାସୀଙ୍କ ବହୁ ପ୍ରତୀକ୍ଷିତ ପୁରୀର ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଉଦ୍‌ଘାଟିତ ହୋଇ ଯାଇଛି । ଏହି ପ୍ରକଳ୍ପକୁ ଲୋକଙ୍କ ନିକଟରେ ସିଧା ପହଞ୍ଚାଇବା ସହ ଏହାର ପ୍ରଚାର ପ୍ରସାର କରିବା ପାଇଁ କନ୍ଧମାଳ ବ୍ଲକ ଅନ୍ତର୍ଗତ ଯୋଗିନ୍ଦ୍ରପୁର ପଞ୍ଚାୟତ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା । ଏହି ପ୍ରକଳ୍ପର ସିଧା ପ୍ରସାରଣ ପାଇଁ ଏଲଇଡି ଟିଭିର ବ୍ୟବସ୍ଥା କରାଯାଇଥିବା ବେଳେ ବହୁ ବୃଦ୍ଧ ବୃଦ୍ଧା, ମହିଳା, ପୁରୁଷ ଓ ଶିଶୁ ଉପଭୋଗ କରିଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନନ୍ତ ବେହେରା, ସରପଞ୍ଚ ଝୁନୁ ପ୍ରଧାନ, ଯୋଗାଣ ସହାୟକ ନୀଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ୟାପକ ଗଞ୍ଜେଇ ଗଛ ନଷ୍ଟକଲା ପୁଲିସ

**ଶଗଡ଼ା, ୧୭ ।୧(ସମିସ):** କନ୍ଧମାଳ ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ନେତୃତ୍ୱରେ ବରଗାଁ ପଞ୍ଚାୟତ ମାତାକୁପା ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଚଢ଼ଉ କରାଯାଇ ବେଆଇନ ଭବେ ଚାଷ ହୋଇଥିବା ହଜାର ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରାଯାଇଛି । ଜଙ୍ଗଲର ୩୪ଏକର ପରିମିତ ଜାଗାରେ ବେଆଇନ ଭାବେ ଗଞ୍ଜେଇ ଚାଷ ହୋଇଥିବା ଖବର ପାଇ ପୁଲିସ ଚଢଉ କରିଥିଲା । ୩୪ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି । ନଷ୍ଟ ଗଞ୍ଜେଇ ଗଛର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୩କୋଟି ୪୦ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି । ଏ ସଂକ୍ରାନ୍ତରେ କନ୍ଧମାଳ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା କନ୍ଧମାଳ ଥାନାଧିକାରୀ ଗୋପୀନାଥ ପ୍ରଧାନ ସୂଚନା ଦେଇଛନ୍ତି । ସେହିଭଳି ଘଣ୍ଟାପଡ଼ା ପୋଲିସ ପକ୍ଷରୁ ନାରାୟଣ ପ୍ରସାଦ ପଞ୍ଚାୟତ ସାନଅସୁର ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଚଢ଼ଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି । ୭ଏକର ପରିମିତ ଜାଗାରେ ବେଆଇନ ଭାବରେ ଚାଷ ହୋଇଥିବା ପ୍ରାୟ ୭ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରାଯାଇଛି । ନଷ୍ଟ ଗଞ୍ଜେଇ ଗଛର ଆନୁମାନିକ ବଜାର ମୂଲ୍ୟ ୫୦ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି । ଏ ସଂକ୍ରାନ୍ତରେ ଘଣ୍ଟାପଡ଼ା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।



# ବିଧବାଙ୍କୁ ଅସଦାଚରଣ ଅଭିଯୋଗ

**ମନମୁଣ୍ଡା, ୧୭ ।୧(ସମିସ):** ମନମୁଣ୍ଡା ଥାନା ଅଞ୍ଚଳରେ ଜଣେ ବିଧବା ମହିଳାଙ୍କୁ ଜଣେ ବିବାହିତ ବ୍ୟକ୍ତି ପ୍ରେମ ନିବେଦନ ସହ ଅସଦାଚରଣ ପ୍ରଦର୍ଶନ କରିଥିବା ଥାନାରେ ଅଭିଯୋଗ ହୋଇଛି । ପ୍ରାୟ ୬ ମାସ ପୂର୍ବେ ମହିଳାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଥିବାବେଳେ ତାଙ୍କ ଏକ ନାବାଳକ ପୁଅ ଅଛି । ତେବେ ଏହି ବ୍ୟକ୍ତି ଜଣକ ତାଙ୍କୁ ଫୋନ୍‌ରେ ବାରମ୍ବାର ପ୍ରେମ ନିବେଦନ କରିବା ସହ ଅଶ୍ଳୀଳ କଥା କହି ଆସୁଛି । ମହିଳା ଜଣକ ତାକୁ ତାଗିଦ୍ କରିବା ସତ୍ତ୍ୱେ ସେ ଖାତିର କରୁନି । ଏପରିକି ବାଟ ଘାଟରେ ମଧ ପ୍ରେମ ନିବେଦନ କରିବା ସହ ଦୁଷ୍କର୍ମ ଧମକ ଦେଉଛି । ଶେଷରେ ତାଙ୍କ ଘରକୁ ଯାଇ ତାଙ୍କୁ ଟଣା ଓଟରା କରିଥିଲା । ଏ ନେଇ ମହିଳାଙ୍କ ବାପା ଓ ଭାଇ ତା' ପରିବାରବର୍ଗଙ୍କୁ ଘଟଣା ସମ୍ପର୍କରେ କହିଥିଲେ; କିନ୍ତୁ ସେ ଓଲଟା ଗାଳିଗୁଲଜ କରିବା ସହ ଥାନାରେ ଜଣାଇଲେ ହତ୍ୟା କରିବାକୁ ଧମକ ଦେଇଥିଲା । ଶେଷରେ ଅଭିଯୋଗ ପରେ ପୁଲିସ ଏହାର ତଦନ୍ତ ଚଳାଇଛି ।

# ୨୩ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

**ଶଗଡ଼ା/ମନମୁଣ୍ଡା, ୧୭ ।୧(ସମିସ):** ମନମୁଣ୍ଡା ଥାନା ଅଞ୍ଚଳରୁ ପୁଲିସ ଚଢ଼ଉ କରି ବ୍ୟାପକ ଗଞ୍ଜେଇ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଅଭିଯୁକ୍ତ ହେଉଛି ବିଳାସପୁର ପଞ୍ଚାୟତ ଗମ୍ଭାରିପଦର ଗ୍ରାମର ରାଧାମୋହନ ମହାନନ୍ଦିଆ (୫୫) । ତା' ନିକଟରୁ ୨୩କେଜି ଗଞ୍ଜେଇ ଜବତ ହୋଇଥିବା ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି ।

# ମହିଳା ଫାଇନାନ୍ସ କର୍ମଚାରୀଙ୍କଠୁ ଲୁଟ୍

**ଦେଓଗାଁ, ୧୭।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅନ୍ତର୍ଗତ ଲଣ୍ଡାପଥର ଓ ରୁଗୁଡିପାଲି ମଝିରାସ୍ତାରେ ଜଣେ ମହିଳା ଫାଇନାନ୍ସ କର୍ମଚାରୀଙ୍କଠାରୁ ଟଙ୍କାଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଛି । ବରଗଡ଼ ବିଜେପୁର ନିକଟସ୍ଥ ଜାରିଙ୍ଗ ଗାଁର ରଶ୍ମିତା ଲୁହାଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ତାରାବତୀ ପ୍ରଧାନ ସୂଚନା ଦେଇଛନ୍ତି । ବଲାଙ୍ଗିର ସତ୍ୟମ ମାଇକ୍ରୋ କ୍ୟାପିଟାଲ କମ୍ପାନୀରେ କାର୍ଯ୍ୟରତ ରଶ୍ମିତା ଲୁହା ଓ ନୟାଗଡ଼ର ସୁଶୀଳ ସେଠଙ୍କ ସହ ବୁଧବାର ଅପରାହ୍ନରେ ପ୍ରଥମେ ମୁରସିଂକୁ ଆସିଥିଲେ । ସେଠାରେ ସୁଶୀଳ ରହିଯାଇଥିବା ବେଳେ ରଶ୍ମିତା ଲଣ୍ଡାପଥର ତଥା ଆଖପାଖ ଗାଁକୁ ଯାଇ ଋଣଟଙ୍କା ଅସୁଲ କରି ଫେରୁଥିଲେ । ୩ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ମହିଳା କର୍ମଚାରୀଙ୍କ ସ୍କୁଟିକୁ ଅଟକାଇ ମାରଣାସ୍ତ୍ର ଦେଖାଇ ଡିକିରେଥିବା ୩୨ ହଜାର ୯ ଶହ ଟଙ୍କା ଲୁଟିନେଇ ଫେରାର ମାରିଥିଲେ ।

# ଦୁଇ ସାଇବର ଠକ ଗିରଫ

**ବଲାଙ୍ଗିର,୧୭।୧(ସମିସ):** ଦୁଇ ଲକ୍ଷରୁ ଅଧିକ ଟଙ୍କା ଠକେଇ ଅଭିଯୋଗରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ସାଇବର ପୁଲିସ । ଅଭିଯୁକ୍ତମାନେ ହେଲେ ଶାନ୍ତି ପଡାର ଅମାନ ସାହୁ ଓ ସୋନପୁରର ସୌମିତ ଶଙ୍କର ଶତପଥୀ । ସୌମିତ ଏକ୍ସିସ ବ୍ୟାଙ୍କ୍‌ରେ କ୍ରେଡିଟ କାର୍ଡ ରିଲେସନ ଅଫିସର ଭାବରେ କାମ କରୁଥିଲେ । ସେମାନେ ବିକାଶ ବେହେରା ନାମକ ଜଣେ ବ୍ୟକ୍ତିଙ୍କଠାରୁ ୨ ଲକ୍ଷ ୩୩ ହଜାର ୪୧୮ ଟଙ୍କା ଠକି ନେଇଥିଲେ । ପୁଲିସ ଘଟଣାର ତଦନ୍ତ କରି ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଥିବା ଏସଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି ।

# ଦୁର୍ଘଟଣାର ରୂପ ଦେଇ ହତ୍ୟା ଅଭିଯୋଗ

**ବେଲପଡା, ୧୭।୧(ସମିସ):** ବେଲପଡା ଥାନା ପର୍ଲିମାଲ ଗାଁର ଦାଦନ ଶ୍ରମିକ ମିଥୁନ ସୁନାଙ୍କ ମୃତ୍ୟୁ ବୁଧବାର ସନ୍ଧ୍ୟାରେ ଉତ୍ତେଜନା ସୃଷ୍ଟି କରିଛି । ବୁର୍ଲାରୁ ରାୟପୁର ନେବା ବାଟରେ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରି ଶବ ଧରି ଥାନାର ଦ୍ୱାରସ୍ଥ ହୋଇଛନ୍ତି ପରିବାର ଲୋକ । ଥାନାରେ ଏତଲା ଅନୁସାରେ, ମିଥୁନ ସୁନା (୨୩) ଗତ ମଙ୍ଗଳବାର ସନ୍ଧ୍ୟା ବେଳେ ତାଙ୍କ ଗ୍ରାମର ତ୍ରିନାଥ କରୁଆଁ ସହ ଗୋଟିଏ ବାଇକ୍‌ରେ ତୁରେକେଲା ଥାନା ତେନ୍ତୁଲିଖୁଣ୍ଟି ଗାଁର ସର୍ଦ୍ଦାର ରିଙ୍କୁ ଖାଁ, ଇମ୍ରାନ ଖାଁ ଘରକୁ ଯାଇଥିଲେ । ରାତିରେ ତାଙ୍କ ଭଉଣୀ ଯାଜ୍ଞସେନୀଙ୍କୁ କେହି ଫୋନ୍ କରି କହିଲା ଯେ ମୁନାପାଲି ଗାଁର ପତ୍ରଫଡି ଠାରେ ଦୁର୍ଘଟଣା ହୋଇଛି । ଯାଜ୍ଞସେନୀ ତାଙ୍କ ମାଁ ଆଲ୍ଲାଦିନିଙ୍କୁ ଜଣାଇଥିଲେ । ଏହାପରେ ସମ୍ପର୍କୀୟଙ୍କ ସହାୟତାରେ ସଙ୍କଟାପନ୍ନ ଥିବା ମିଥୁନଙ୍କୁ ବୁର୍ଲା ମେଡିକାଲ ନିଆଯାଇଥିଲା । ବୁଧବାର ଅଧିକ ଚିକିତ୍ସା ପାଇଁ ରାୟପୁର ପଠାଯାଇଥିବା ବେଳେ ମହାସମୁନ୍ଦ ନିକଟରେ ଦିନ ୧୧:୪୫ରେ ମୃତ୍ୟୁ ହୋଇଥିଲା । ସର୍ଦ୍ଦାର ପାଖରେ କାମ କରି ଶ୍ରମିକ ଯୋଗାଡ଼ କରୁଥିଲେ ମିଥୁନ । ଯାହାକୁ ନେଇ ସନ୍ଦେହ କରୁଛନ୍ତି ପରିବାର । ଏପର୍ଯ୍ୟନ୍ତ ପୁଲିସ ପ୍ରତିକ୍ରିୟା ଦେଇ ନଥିଲା ବେଳେ ୭ ଘଣ୍ଟାରୁ ଅଧିକ ସମୟ ହେଲା ଶବ ଥାନାରେ ପଡ଼ି ରହିଥିବା ସୂଚନା ମିଳିଛି ।

# ଗଞ୍ଜେଇ ଜବତ; ଜଣେ ଗିରଫ

**କଣ୍ଟାବାଞ୍ଜି, ୧୭।୧(ସମିସ):** କଣ୍ଟାବାଞ୍ଜି ପୁଲିସ ୧୧ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ବ୍ୟବସାୟୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠେଇ ଦିଆଯାଇଛି । ପାଟ୍ରୋଲିଙ୍ଗ ସମୟରେ କୁକୁଡ଼ାହାଡ଼ ଛକରେ ଗାଡି ଅଟକାଇ ଯାଞ୍ଚ କଲା ବେଳେ ଅଭିଯୁକ୍ତ ଜୁନାଗଡ଼ ଗାଁର ବାସୁଦେବ ମେହେରଙ୍କୁ ପଚରାଉଚରା କରଯାଇଥିଲା । ପରେ ଗଞ୍ଜେଇ ମିଳିବାରୁ ତାକୁ ଗିରଫ କରାଯିବା ସହ ଗାଡ଼ିକୁ ଜବତ କରାଯାଇଥିବା ପୁଲିସ ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମିତା ବେହେରା ସୂଚନା ଦେଇଛନ୍ତି । ତୁରେକେଲା ବ୍ଲକ ପାଟିମାଲ ଗାଁରେ ବହୁ ଦିନରୁ ଗଞ୍ଜେଇ ବ୍ୟବସାୟ କରୁଥିଲା । ବାସୁଦେବ ସହ ଅନ୍ୟ କିଏ ଏହି ବେପାରରେ ସାମିଲ ଅଛନ୍ତି ନା ନାହିଁ ତାହା ମଧ ତଦନ୍ତ ଚାଲିଛି ।

# ନୂଆଁପାଲି ଧନୁଯାତ୍ରା ପାଇଁ କଂସବରଣ

**ଦେଓଗାଁ, ୧୭।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ନୂଆଁପାଲି ଗାଁରେ ପ୍ରତିବର୍ଷ ଭଳି ଚଳିତବର୍ଷ ୨୦ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ୧୭୫ତମ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବାର ସ୍ଥିରିକୃତ ହୋଇଛି । ଏଥିପାଇଁ ଶୁଭସ୍ତମ୍ଭ ସ୍ଥାପନ ସହ ବୁଧବାର କଂସ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡୁଙ୍ଗୁରିପାଲିର ପ୍ରଫୁଲ୍ଲ ମେହେରଙ୍କୁ ଦେଓଗାଁ ବ୍ଲକ ପର୍ଯ୍ୟଟନସ୍ଥଳୀ ଭୀମପାହାଡ ଠାରେ ବରଣ କରାଯାଇଛି । ଧନୁଯାତ୍ରା ମହୋତ୍ସବ ଅବସରରେ ମିନାବଜାର ମୁଖ୍ୟ ଆକର୍ଷଣର କେନ୍ଦ୍ର ହେବାକୁଥିବା ବେଳେ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମହୋତ୍ସବକୁ ସଭାପତି କୌସ୍ତୁଭମଣି ପଧାନ, ମହାଦେବ ପଧାନ, କପିଳେଶ୍ୱର ନାଏକ, ଶମ୍ଭୁ ଦୋରା, ବିପିନ ବିଶ୍ୱାଳ, କବି ଦୋରା, ସିଦ୍ଧେଶ୍ୱ ଦୋରା, ମଦନ ମନହୀରା, ଦଗଦିଶ ଶତପଥି, ସାୟା ମନହୀରା, ବୁଟି ଦୋରା, ଆଶୋକ ଶତପଥୀ, ସୁବାସ ବିଶ୍ୱାଳ ତଥା ଧନୁଯାତ୍ରା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି ।

# ଅନୁଭବ ପଟ୍ଟନାୟକଙ୍କ ଉଲୁଣ୍ଡା ଗସ୍ତ

**ଉଲୁଣ୍ଡା, ୧୭ ।୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନକୁ ପରିଦର୍ଶନ କରି ମୋ ସେବା, ଆମ ବ୍ୟାଙ୍କ୍ ସେବା ଏବଂ ଇଣ୍ଟରନେଟ ସେବାର ସମୀକ୍ଷା କରିଛନ୍ତି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପରାମର୍ଶଦାତା ଅନୁଭବ ପଟ୍ଟନାୟ । ସେ ଉଲୁଣ୍ଡା ବ୍ଲକରେ ପହଞ୍ଚିଲା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା । ପରେ ଖେମାଲୋଏ ପଞ୍ଚାୟତ କାର୍ଯ୍ୟାଳୟ, ଯାଡ଼ଁରଭଡ଼ଁରା ହାଇସ୍କୁଲ ଏବଂ ଆଇଁଲାଛଟସ୍ଥିତ ମୋସେବା କେନ୍ଦ୍ର ବୁଲି ଦେଖିବା ସହ ଜନସାଧାରଣଙ୍କ ପାଖରେ ମୋ ସେବା, ଆମ ବ୍ୟାଙ୍କ୍ ସେବା ଠିକ୍ ଭାବରେ ପହଞ୍ଚି ପାରୁଛିକି ନାହିଁ ଏବଂ ଇଣ୍ଟରନେଟ୍ ସେବା କିଭଳି ରହିଛି ତଦାରଖ କରିଥିଲେ । ଜନସାଧାରଣ ଯେମିତି ଉପଯୁକ୍ତ ସେବା ପାଇ ପାରିବେ ସେ ଉପରେ ଧ୍ୟାନ ଦେବା ପାଇଁ ବିଡ଼ିଓଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଯାଡ଼ଁରାଭଡ଼ଁରା ହାଇସ୍କୁଲ ପରିସରରେ ଶ୍ରୀ ପଟ୍ଟନାଏକ ଚାରା ରୋପଣ କରିଥିଲେ । ବିଡ଼ିଓ କରିସ୍ମା ବେଶ୍ରା, ପ୍ରଧାନ ଶିକ୍ଷକ ଓ ଖେମାଲୋଇ ପଞ୍ଚାୟତର ପିଇଓ ସ୍ୱୟଂମ୍ଭୁ ପୁରୋହିତଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।



# ଯମୁନା ସୁନାଦେଇ ପାହାଡ଼ ମକର ମହୋତ୍ସବ ଉଦ୍‌ଯାପିତ

**ମୁରିବାହାଲ, ୧୭।୧(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ଯମୁନା ଗ୍ରାମର ସୁନାଦେଇ ପାହାଡ (ବାରପାଲି ହଳଦୀ) ରେ ପ୍ରଥମ ମକର ମହୋତ୍ସବ ତଥା ଅଷ୍ଟପ୍ରହରୀ ନାମଯଜ୍ଞ ଉଦଯାପିତ ହୋଇଯାଇଛି । ଅଧିବାସ ଦିନ ଯମୁନା ମହାଦେବ ବନ୍ଧରୁ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ । ମୁରିବାହାଲ ମଠାଧୀଶ ସାଧୁ ସୁଶୀଳ ଦାସଙ୍କ ନେତୃତ୍ୱରେ ମହିମାଧର୍ମାବଲମ୍ବୀଙ୍କ ଦ୍ୱାରା ରାତିସାରା ବ୍ରହ୍ମଧୁନି ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା । ଅଷ୍ଟପ୍ରହରୀ ନାମଯଜ୍ଞରେ କର୍ତ୍ତା ରୂପେ ଆୟୋଜକ ରମେଶଚନ୍ଦ୍ର ଭୋଇ ଓ ତାଙ୍କ ଧର୍ମପତ୍ନୀ ପଙ୍କଜିନି ଭୋଇ, ପୂଜକ ରୂପେ ଦାଶରଥି ଷଡ଼ଙ୍ଗୀ, ଜପକ ଦୁର୍ଯୋଧନ ପାଣିଗ୍ରାହୀ, ଷଡ଼ବୈଷ୍ଣବ ରୂପେ ବ୍ରଜମୋହନ ମହାକୁର, ଦେବେନ୍ଦ୍ର ପଧାନ, ନଟବର ମେର୍ଲି, ରାଏଧର ଶିକା, ଉଦ୍ଧାଧର ମହାକୁର ଓ ଯେହେରୁ ମହାକୁର ଦାୟିତ୍ୱ ନିର୍ବାହ କରିଥିଲେ । ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର ମୁଖ୍ୟଅତିଥି ଥିଲେ । ନାମଯଜ୍ଞରେ ଆୟୋଜକ ଯମୁନା, କର୍ଲାପିଟା, ପୁଡ଼ିସରା, ପଟାମରା, ତେନ୍ତୁଲିଖୁଣ୍ଟି, ସେମେଲପାଲି, ମୁରିବାହାଲ ସହ ଘଣ୍ଟବାହାଲି ଓ ଡଙ୍ଗରପଡ଼ା ମହିଳା ସଙ୍କୀର୍ତ୍ତନ ଦଳ ଯୋଗ ଦେଇଥିଲେ । ନିମନ୍ତ୍ରିତ ଅତିଥି ରୂପେ ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ଜିଲ୍ଲା ବିଜେପି ସଭାପତି ଶିବାଜୀ ମହାନ୍ତି, ବରିଷ୍ଠ ବିଜେପି ନେତା ଲକ୍ଷ୍ମଣ ବାଗ, ବହୁ ନେତୃସ୍ଥାନୀୟ ବ୍ୟକ୍ତି ଯୋଗ ଦେଇଥିଲେ ।

# ଶ୍ରମିକଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ ଦାବି

**ସୋନପୁର, ୧୭ ।୧(ସମିସ)**

ନିର୍ମାଣ ଶ୍ରମିକ ହିତାଧିକାରୀଙ୍କ ଆଇନଗତ ଅନୁଦାନ ତୁରନ୍ତ ପ୍ରଦାନ ନିମନ୍ତେ ସୁବର୍ଣ୍ଣପୁର ଟ୍ରେଡ ୟୁନିଅନ ସମନ୍ୱୟ ସମିତିରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଶ୍ରମ ଅଫିସ ପ୍ରାଙ୍ଗଣରେ ସମନ୍‌ୱୟ ସମିତିର ସଭାପତି ଶ୍ରମିକ ନେତା ଗୋବିନ୍ଦ ମହାରଣାଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାରେ କାର୍ଯ୍ୟରତ ୨୨ଟି ଶ୍ରମିକ ସଂଗଠନ ପ୍ରତିନିଧିମାନେ ବୈଠକରେ ଯୋଗ ଦେଇଥିଲେ । ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକର ପଞ୍ଜିକୃତ ଶ୍ରମିକମାନଙ୍କ ଶିକ୍ଷା ସହାୟତା ରାଶି, ପ୍ରସୂତି କାଳିନ ରାଶି, ଶ୍ରମିକ ମାନଙ୍କ କନ୍ୟାସନ୍ତାନଙ୍କ ବିବାହ ସହାୟତା ରାଶି ଏବଂ ମୃତ ଶ୍ରମିକ ମାନଙ୍କ ଉତରାଧିକାରୀଙ୍କୁ ମୃତ୍ୟୁ କାଳୀନ ସହାୟତା ପ୍ରଦାନ କ୍ଷେତ୍ରରେ ବହୁ ଶ୍ରମିକଙ୍କୁ ବଞ୍ଚିତ କରାଯାଉଥିବା ଯୋଗୁଁ ସଭାରେ କ୍ଷୋଭ ପ୍ରକାଶ କରିଥିଲେ । ଅନଲାଇନ୍ ମାଧ୍ୟମରେ ନୂତନ ପୋର୍ଟାଲରେ ଅନିୟମିତତା ତୁରନ୍ତ ଦୂର କରିବା ପାଇଁ ସମସ୍ତ ଶ୍ରମିକ ଅହେତୁକ ପଡ଼ି ରହିଥିବା ପ୍ରାପ୍ୟକୁ ତୁରନ୍ତ ପଇଠ ପାଇଁ ଦୃଢ଼ ଦାବି କରା ଯାଇଥିଲା । ପ୍ରାପ୍ୟ ପାଇବାରେ ଶ୍ରମିକମାନେ ହଇରାଣ ହରକତ ହେଉଥିବା ଯୋଗୁ ଉପରୋକ୍ତ ଦାବି ଉପରେ ସମସ୍ତ ଶ୍ରମିକ ସଂଗଠନ ନେତୃ ମଣ୍ଡଳୀ ଗୁରୁବାର ଏକ ଚରମ ପତ୍ର ପ୍ରଦାନ କରାଯିବ । ୨୬ ତାରିଖ ଭିତରେ ସମସ୍ତ ଶ୍ରମିକଙ୍କ ଉପରୋକ୍ତ ପ୍ରାପ୍ୟ ପୈଠ କରା ନ ଗଲେ ୨୭ ତାରିଖରେ ଜିଲ୍ଲାପାଳ ଅଫିସ ଆଗରେ ଦାବି ପୂରଣ ପର୍ଯ୍ୟନ୍ତ ଗଣ ଧାରଣା ଚାଲୁ ରହିବା ସହ ଶ୍ରମ ଦପ୍ତର ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ସଭାରେ ଶ୍ରମିକ ନେତା କୁଶ ମହାକୁର, ସୂର୍ଯ୍ୟକାନ୍ତ ରାଉଳ, ନେହେରୁ ଷାଣ୍ଢ, ରାଧାମୋହନ ପଧାନ, ମନୋରଞ୍ଜନ ପାଣ୍ଡେ, ସୀତା ମହାକୁର, ସୁରୁ ସୁରଜାଲ, ମୁରଲୀ ସାହୁ, ସୁଶାନ୍ତ ପଣ୍ଡା, ବ୍ରହ୍ମାନନ୍ଦ ପୁଜାହାରୀ, ଅର୍ଜୁନ ବାଦି, ରମେଶ ନନ୍ଦ, ରମେଶ ବାଘ, ଜଗନ୍ନାଥ ସୁନା, କୃଷ୍ଣଚନ୍ଦ୍ର କର୍ମ ପ୍ରମୁଖ ଯୋଗ ଦେଇଥିଲେ ।



# ଦୁର୍ଗମ କେର୍ମେଲିର ସମସ୍ୟା ସମୀକ୍ଷା

**ନୂଆପଡ଼ା, ୧୭।୧(ସମିସ):** ଆଜିବି ନୂଆପଡ଼ା ଜିଲ୍ଲା ସଦର ମହାକୁମାଠାରୁ ୧୦/୧୨କିମି ଦୂରରେ ଥିବା କେରମେଲୀ ଗ୍ରାମ ପଞ୍ଚାୟତ ଭଳି ଇଲାକାର ଲୋକ ବିଭିନ୍ନ ସମସ୍ୟା ଘେରରେ ଛନ୍ଦି ହୋଇ ରହିଛନ୍ତି। ଏଭଳି ସ୍ଥିତିରେ ନୁଆପଦାରୁ କିଛି ବୁଦ୍ଧିଜୀବୀ ଏହି ଜଙ୍ଗଲ ଭିତରେ ନୂଆଁ ବର୍ଷର ବଣ ଭୋଜି କରିବାକୁ ଯାଇ ପଞ୍ଚାୟତ ଜନ ପ୍ରତିନିଧିଙ୍କ ସହ ବିଭିନ୍ନ ସମସ୍ୟାର ସମୀକ୍ଷା କରିଛନ୍ତି। ଏକ ଜନମଞ୍ଚ କରି ସମସ୍ୟା ଗୁଡିକର ସମାଧାନ ପାଇଁ ତର୍ଜମା କରିଛନ୍ତି। ଶିକ୍ଷାବିତ୍ତ ପ୍ରବୋଧ ହୋତା, ଶଂକର୍ଷଣ ପୁରୋହିତଙ୍କ ତତ୍ୱାବଧାନରେ ଏକ ୧୫ ଜଣିଆ ଟିମ କେରମେଲୀ ପଞ୍ଚାୟତ ଗସ୍ତ କରିଥିଲେ। ପ୍ରଥମେ ମାରାଗୁଡା ବସ୍ତି ପରିକ୍ରମା କରିଥିଲେ। ପତୋରା ଡ୍ୟାମରୁ ବିସ୍ଥାପିତ ପରିବାର ଲୋକେ ଏଠାରେ ବସତି କରି ରହିଛନ୍ତି। ଏଠାରେ ବିଜୁଳି, ପାଣି ଭଳି ମୌଳିକ ସମସ୍ୟା ରହିଥିବାବେଳେ ଜୀବନ ଜିନିକା ପ୍ରତି ମଧ୍ୟ ଦୃଷ୍ଟି ଦେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଐତିହାସିକ ରଏତାଲ ସାଗର ନିକଟରେ ସହ ବଣ ଭୋଜି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଶ୍ରୀରାମ ମନ୍ଦିରରେ ରାମ ଲଲା ପ୍ରତିଷ୍ଠା ଏବଂ ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଲୋକାର୍ପଣକୁ ନେଇ ଏକ ବିତର୍କ ହୋଇଥିଲା। ପରେ ସ୍ଥାନୀୟ ସରପଞ୍ଚ ହୀରାଲାଲ ମାଝୀଙ୍କୁ ଭେଟି ସ୍ଥାନୀୟ ପଞ୍ଚାୟତର ମୌଳିକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଦୁର୍ମ ଇଲାକା ଗୁଡିକୁ ଗମନାଗମନ ବ୍ୟବସ୍ଥା ଠିକ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସେ ଉପରେ ଦୃଷ୍ଟି ଦେବା ଜରୁରୀ ବୋଲି ବୁଦ୍ଧିଜୀବୀ କହିଥିଲେ। ଏହି ଟିମ୍‌ରେ ଅନ୍ୟମାନଙ୍କ ମଧ୍ୟରେ ଶରତ ପଣ୍ଡା, ଜିତେନ୍ଦ୍ର ଖମାରୀ, ପ୍ରାଥମିକ ସିଟି ଶିକ୍ଷକ ସଂଘ ସଭାପତି ଅମିଲାଲ ଶବର, ସଞ୍ଜୟ ପାଢ଼ୀ, କିଶୋର ପ୍ରଧାନ, ଯୋଗେନ୍ଦ୍ର ବେହେରା, ବିଜୟ ସାହୁ, କିଶୋର ପରିଡ଼ା, ମଧୁ ସାହୁ, ଫାଲ୍ଗୁନୀ ସାହୁ, ସାମ୍ବାଦିକ ସଂଘ (ଜାନ) ସଭାପତି ଘନଶ୍ୟାମ ଭୋଇ, ସାମ୍ବାଦିକ ଅଶ୍ୱିନୀ ପାଣିଗ୍ରାହୀ, ରତନ କେତକୀ ପ୍ରମୁଖ ସାମିଲ ଥିଲେ।

# ଅଧ୍ୟାପକ ହରେକୃଷ୍ଣ ମିଶ୍ରଙ୍କ ପରଲୋକ

**ଖଡ଼ିଆଳ, ୧୭।୧(ସମିସ):** ଖଡିଆଳ ସ୍ଥିତ ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଗଣିତ ଅଧ୍ୟାପକ ହରେକୃଷ୍ଣ ମିଶ୍ରଙ୍କ ଦେହାନ୍ତ ହୋଇଛି।



ସେ ଦୀର୍ଘ ଦିନରୁ କିଡନୀ ରୋଗରେ ପୀଡିତ ଥିବାବେଳେ ତାଙ୍କର ଚିକିତ୍ସା ଚାଲିଥିଲା। ବୁଧବାର ମଧ୍ୟାହ୍ନରେ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ଖଡିଆଳ ମିଶନ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମରଶରୀରକୁ ପାଟଣାଗଡ଼କୁ ନିଆଯାଇଥିଲା। ଆସନ୍ତା ଜୁଲାଇରେ ସେ ଅବସର ନେବାର ଥିଲା।

■ ମାଁ ବଡ଼ମାଲେନ କ୍ରିକେଟ

# ନବରଙ୍ଗପୁରକୁ ହରାଇ ଖଡ଼ିଆଳ ଚାମ୍ପିଅନ

**ସିନାପାଲି, ୧୭।୧(ସମିସ):** ସିନାପାଲି ବ୍ଲକ ନୂଆମାଲପଡ଼ା ଛତିଶଗଡ଼ ସିମାନ୍ତ ବୋଡର ଖେଳ ପଡ଼ିଆଠାରେ ନୂଆମାଲପଡ଼ା କ୍ରିକେଟ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ୨ୟ ମାଁ ବଡମାଲେନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଚି। ଏହି ଫାଇନାଲ ଖେଳ ଖଡିଆଳ କଲେଜ ଓ ନବରଙ୍ଗପୁର ଦଳ ମଧ୍ୟରେ ହୋଇଥିଲା। ପ୍ରଥମେ ଖଡିଆଳ କଲେଜ ଦଳ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୧୬ ଓଭରରେ ୧୧୪ ରନ ସଂଗ୍ରହ କରି ଅଲ୍ ଆଉଟ୍ ହୋଇଥିଲା। ଜବାବରେ ନବରଙ୍ଗପୁର ଦଳ ୧୬ ଓଭରରେ ୧୧୦ ରନ୍ ସଂଗ୍ରହ କରି ଅଲ୍ ଆଉଟ୍ ହୋଇଥିଲା। ଫଳରେ କମିଟି ତରଫରୁ ଖଡିଆଳ କଲେଜ ଦଳକୁ



ଚାମ୍ପିଅନ ଘୋଷଣା କରାଗଲା। ଅତିଥିମାନେ ଚମ୍ପିୟାନ ଓ ରନର୍ସ ଦଳକୁ ଟ୍ରଫି ତଥା ପୁରସ୍କାର ପ୍ରଦାନ କରିଥିଲେ। ଏହି ଫାଇନାଲ ଖେଳରେ ଯଦୁମଣି ନିଆଲ ଓ ସଞ୍ଜୟ ମେହେର ପରିଚାଳନା କରିଥିଲେ। ଧାରାବିବରଣୀ ଭାବେ ପ୍ରକାଶ ପାତ୍ର, ବିଜୁ ସେଠି, ଭିମରାଜ ତାଣ୍ଡି ଓ ଦାଦୁ ଖାନ ଦାୟିତ୍ୱ ତୁଲାଇଥିଲେ। ସ୍କୋରର ଭାବେ ଡାଲେଶ୍ୱର ମାଝି ଦାୟିତ୍ୱ ତୁଲାଇଥିଲେ। ଏହି ଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବେ ସିନାପାଲି ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝି ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ସ୍ଥାନୀୟ ସରପଞ୍ଚ ବନିତା ପୋଡ, ସିନାପାଲି କଲେଜ ଅଧ୍ୟାପକ ବ୍ରଜମୋହନ ଧାକଡ, ଶିକ୍ଷକ ଭୁତେଶ୍ୱର ନାଏକ, ରମେଶ ଖର୍ସେଲ ମଞ୍ଚାସୀନ ଥିଲେ। କମିଟିର ଗଣେଶ ପୋଡ ମୁଖ୍ୟ ଦାୟିତ୍ୱ ତୁଲାଇଥିବା ବେଳେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣରେ ଭାବବିହ୍ୱଳ ଭକ୍ତ

**ନୂଆପଡ଼ା, ୧୭।୧(ସମିସ)**



ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମରେ ସେପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୂଖ୍ୟ ଅତିଥିଭାବେ ଯୋଗ ଦେଇ ଶୁଭାରମ୍ଭ କରୁଥିବା ସମୟରେ ଏପଟେ ନୂଆପଡ଼ା ଜିଲ୍ଲାବ୍ୟାପି ଜଗନ୍ନାଥ ପ୍ରେମରେ ଭାବବିହ୍ୱଳ ଭକ୍ତଗଣ ବିଭିନ୍ନ ମଞ୍ଚରେ ନାଚି ଝୁମିଥିଲେ। ଭାବମୟ ଭକ୍ତିର ସମବେଶ ହୋଇଥିବାବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ସବୁ ଦୁଲୁକୁଥିଲା। ପୂର୍ବାହ୍ନରେ ଜିଲ୍ଲା ସଦର ମହକୁମା ବ୍ଲକ ତରଫରୁ ସ୍ଥାନୀୟ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ହୋମ ଯଜ୍ଞ ହୋଇଥିଲା। ଏଥିରେ ନୂଆପଡ଼ା ବିଡିଓ ବିପିନ ବିହାରୀ ଦୀପ ସପତ୍ନିକ ଆହୂତିରେ ବସିଥିଲେ। ଏଥିରେ ବ୍ଲକ ତଥା ପ୍ରଶାସନର ଅନ୍ୟାନ୍ୟ ବିଭାଗରୁ ସମସ୍ତ କର୍ମଚାରୀ, ପରିବାର ସବୁ ଠୁଳ ହୋଇ ଆହୂତି ଦେଇଥିଲେ। ପରେ ଦ୍ୱିତୀୟାର୍ଦ୍ଧରେ ମନ୍ଦିର ପଡ଼ା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଦୀପ ଅଧ୍ୟକ୍ଷତା କରିଥିବାବେଳେ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟ ଅତିଥି, ଜିଲ୍ଲାପରିଷଦ ସଭ୍ୟା ଉମା ଠାକୁର, ସ୍ଥାନୀୟ ଏନଏସି କାଉନସିଲର ସଙ୍ଗୀତା ପାରଖ, ଆଇନଜୀବୀ ଧନୀରାମ ସାହୁ, ସମିତି ସଭ୍ୟ ନୀଳକମଳ ଚନ୍ଦ୍ରକାର, ରବି ବାଗ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଦଳ ତରଫରୁ କାର୍ଯ୍ୟକ୍ରମମାନ ପରିବେଷିତ ହୋଇଥିଲା। ସହରବାସୀ, ଜଗନ୍ନାଥ ପ୍ରେମୀ ମନଭରି ଦେଖିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା। ଲୋକାର୍ପଣ କାର୍ଯ୍ୟକ୍ରମକୁ ମଧ୍ୟ ସହରବାସୀ ଦେଖିଥିଲେ। ଏଭଳି କାର୍ଯ୍ୟକ୍ରମ କେବେ କେହି ଦେଖିନଥିଲେ। ଓଡ଼ିଶା ଇତିହାସରେ ପ୍ରଥମ ବୋଲି ଭକ୍ତମାନେ କହିଥିଲେ। ସମସ୍ତଙ୍କୁ ନେଇ ସହଭୋଜର ଆୟୋଜନ ହୋଇଥିଲା। ଏହିଭଳି ଜିଲ୍ଲାର କୋମନା, ଖଡିଆଳ, ସିନାପାଲି ଏବଂ ବୋଡେନ ବ୍ଲକ ସହ ସମସ୍ତ ୧୩୧ଟି ପଞ୍ଚାୟତ କାର୍ଯ୍ୟାଳୟରେ ସିଧା ପ୍ରସାରଣ ହୋଇଥିଲା।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ

**ସିନାପାଲି, ୧୭।୧(ସମିସ):** ଶ୍ରୀକ୍ଷେତ୍ର ପୁରୀଠାରେ ବହୁ ପ୍ରତୀକ୍ଷିତ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଆଜି ଅତ୍ୟନ୍ତ ଧାର୍ମିକ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପିତ କରିଥିବାବେଳେ ସାରା ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ ଆଦି ସ୍ଥାନରେ ଏହାର ଲାଇଭ୍ ଷ୍ଟ୍ରିମିଂ କରାଯାଇଥିଲା। ଏହି ଅବସରରେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ୨୭ଟି ଗ୍ରାମ ପଞ୍ଚାୟତରେ ଲାଇଭ୍ ଷ୍ଟ୍ରିମିଂ ସହିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ସିନାପାଲି ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମଧ୍ୟ ଏହି କାର୍ଯ୍ୟକ୍ରମ ହୋଇଯାଇଛି। ଏହି ଲୋକାର୍ପଣ ଉତ୍ସବରେ ସିନାପାଲି ବିଡ଼ିଓ ଶ୍ରୀଯୁକ୍ତ ସର୍ବେଶ୍ୱର ଜାଲ, ସିନାପାଲି ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝି, ଜଗନ୍ନାଥ ମନ୍ଦିର କମିଟି ସଭାପତି ବୈଶମ୍ପାୟନ ମେହେର, ସରପଞ୍ଚ ସୁନୀତା ମେହେର, ସମିତି ସଭ୍ୟ ମନୀଷ ପଟେଲ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ,






ମୁରାରି ପଣ୍ଡା ଯୋଗ ଦେଇଥିବାବେଳେ ପୂଜକ ଭାବରେ ବସନ୍ତ ପତି କାର୍ଯ୍ୟ ତୁଲାଇଥିଲେ ଓ ମଞ୍ଚ ପରିଚାଳନା କରିଥିଲେ ରୁପେଶ ଚନ୍ଦ୍ର ମେହେର। କସେଇପାଣି ର ପାଲା, ଚକାଡୋଲା ଭଜନ ମଣ୍ଡଳୀ ସିନାପାଲି, ରାଧାକୃଷ୍ଣ ଭଜନ ମଣ୍ଡଳୀ କାପସି ଓ ଗୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ସହଯୋଗ କରିଥିଲେ ଦେବାଶିଷ ପଣ୍ଡା, ଦିଲ୍ଲୀପ କୁମାର କର, ସଞ୍ଜୟ ମହାନନ୍ଦଙ୍କ ସମେତ ଶ୍ରୀ ଜଗନ୍ନାଥ ମନ୍ଦିରର ସମସ୍ତ ସଦସ୍ୟ, ଉଦନ୍ତୀ ୟୁଥ୍ କ୍ଲବ୍, ଭାଗବତ ଟୁଙ୍ଗି, ଦମକଳ ବାହିନୀ, ଡାକ୍ତରୀ କର୍ମଚାରୀ, ପୋଲିସ୍ କର୍ମଚାରୀ, ବୁଦ୍ଧିଜୀବୀ ମହିଳା ଗୋଷ୍ଠୀ ସଦସ୍ୟା ଓ ସହରର ନାଗରିକଗଣ ଓ ଜଗନ୍ନାଥ ପ୍ରେମୀ ବହୁସଂଖ୍ୟାରେ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ କାର୍ଯ୍ୟକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ପାତାଳଗଙ୍ଗାରେ ଭବ୍ୟ ସ୍ୱାଗତ

**ବୋଡେନ, ୧୭।୧ (ସମିସ):** ବୋଡେନ ବ୍ଲକର ପବିତ୍ର ତୀର୍ଥ ପାତାଳଗଙ୍ଗା ରାଧାକୃଷ୍ଣ ମନ୍ଦିରଠାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଭିଡିଓ କନଫେରସନ ମାଧ୍ୟମରେ ଭବ୍ୟ ଲୋକାର୍ପଣ ସମ୍ପନ୍ନ ହୋଇଥିବାବେଳେ କାର୍ଯ୍ୟକ୍ରମ ସ୍ଥଳ ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଉଠିଲା। ବିଡିଓ ପ୍ରିୟ ରଜନ କୁମାରଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦର ସଭାପତି ଡଲି ମାଝୀ, ବ୍ଲକ ଅଧ୍ୟକ୍ଷା ପ୍ରେମଶିଳା ନାଗ, ସମିତିସଭ୍ୟା ବାଲିକା ମାଝୀ, କନିଷ୍ଠ ଯନ୍ତ୍ରୀ ସଂଗ୍ରାମ କେଶରୀ ପରିଡ଼ା, କନିଷ୍ଠ ଯନ୍ତ୍ରୀ ସୁଦର୍ଶନ ନାଏକ, ଆଇନଜୀବୀ ଯୋଗିନ୍ଦ୍ର ମାଝୀ, ଲୋକନାଥ ଛତ୍ରିଆ, ଗଣେଷ ଦଣ୍ଡସେନା, ରାଜ ନାଗ ସହ ବ୍ଲକ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ବୋଡେନ ପଞ୍ଚାୟତଠାରେ ପିଇଓ କ୍ଷମା ସୁନାନୀ, ସରପଞ୍ଚ ରଶ୍ମିତା ସିହ୍ନା, ୱର୍ଡସଭ୍ୟ ଉପସ୍ଥିତ ଥିଲେ। ଫରସରା ଗ୍ରାମ ପଞ୍ଚାୟତ ବୁଡିପଦରଠାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଭିଡିଓ କନଫେରସନ ମାଧ୍ୟମରେ ସରପଞ୍ଚ ସରିତା ନିଆଲ, ପିଇଓ ବାପୁଜୀ ମାଝୀ, ନାଏକ ସରପଞ୍ଚ ତ୍ରିନାଥ ଧରୁଆ, ଆଇନଜୀବୀ ଗୌତମ ନିଆଲ, ପଞ୍ଚାୟତର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ବୋଡେନ ବ୍ଲକ ର ୧୫ଟି ପଞ୍ଚାୟତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଭିଡିଓ କନଫେରସନ ମାଧ୍ୟମରେ ଭବ୍ୟ ଲୋକାର୍ପଣ ସମ୍ପନ୍ନ ହୋଇଥିଲା।



















ଶ୍ରୀଜଗନ୍ନାଥଙ୍କୁ କେବଳ ପୁରୀର ନୁହେଁ ଜଗତର ନାଥ ବୋଲି ଯେଉଁ ଭାଗ୍ୟବାନ ସପ୍ନରେ ବି ତାଙ୍କୁ ଦେଖି ମାନେ ସେ ହିଁ ଜଗତଜିତା। ଗଣପତି ଭଟ୍ଟ ଗଣେଶ ରୂପରେ, ସନ୍ଥ ତୁଳସୀ ଦାସ ଶ୍ରୀରାମ ରୂପରେ ତାଙ୍କୁ ଦର୍ଶନ ପାଇଥିଲା ବେଳେ କେବଳ ସନ୍ଥମାନେ ହିଁ ତାଙ୍କୁ **ଏକ ଦେବୋ ସର୍ବଭୂତେଷୁର** ଭେଦ ବୁଝି ନର ନାରାୟଣ ସେମାନଙ୍କ ପାଇଁ ଉପାସ୍ୟ ଦେବତା ଦିଅଁ ନୁହେଁ। ସେମାନେ **ନନାମାନବସାଦୟତେ** ଆପ୍ତବାଣୀ ମତେ ଅଯଥା କଥା ଅଯଥା କାମରେ ସମୟ-ଶ୍ରମ-ଅର୍ଥର ଦୁରୁପଯୋଗ ନ କରି ବଞ୍ଚିବାର ବ୍ୟାକରଣ ବୁଝି ନୈତିକ ସଂଶୋଧନ ପାଇଁ ଅନୀତିରେ ଅଙ୍କୁଶ ଲଗାଇ ନିମ୍ନମତେ ସମାଜ ସଂସ୍କାରକ।

୧) ସେମାନେ **ଧ୍ରୀୟତେ ଅନେନ ଇତି ଧର୍ମଃ**ର ଅନ୍ତରାର୍ଥ ମର୍ମ ବୁଝି **ସର୍ବଧର୍ମମ୍ ପରିତ୍ୟଜ୍ୟ** ବାଣୀକୁ ନମାନି ଧର୍ମର ତିନିଗୁଣ ସ୍ୱାଭାବିକ-କର୍ତ୍ତବ୍ୟ-ସଂପ୍ରଦାୟ ଗୁଣକୁ ଚଳନଶୀଳ ଦେହ ଦେବାଳୟର ସୁରକ୍ଷା ପାଇଁ ଏବଂ ଆଧାତ୍ମିକତା ଆତ୍ମାର ଅଧ୍ୟୟନ ପାଇଁ ଯାହାକି ଧର୍ମ ନୁହେଁ ବୋଲି ଠିକ୍ ବୁଝି ଯଥାର୍ଥରେ ଧର୍ମବନ୍ତ ଧର୍ମ ସୌଦାଗର ନୁହଁନ୍ତି।

୨) ସେହି ସଦାତ୍ମା ମାନେ ରାଜନୈତିକ ପୃଷ୍ଠପୋଷକତାରେ ସମାଜ ବଞ୍ଚିଛି ଠିକ୍ ଭାବେ ହୃଦୟଙ୍ଗମ କରନ୍ତି ସମାଲୋଚନା ନ କରି। ସେମାନେ ଋଣକ୍ୟଙ୍କ ପରି ତଳୁ ଉପରକୁ ଉଠି କଥାରେ ନୁହେଁ କାମରେ କରି ଦେଖାଇ ଜାତି ପାଇଁ ଅବଦାନ ଦେଇ କ୍ଷମତା ପାଇବି **"ରାଜନୀତି ଅର୍ଥ ଶ୍ରେଷ୍ଠ ନୀତି"** ଏବଂ ନିଜ କ୍ଷମତାର ଶାସନ ଡୋରୀ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କୁ ଦେବା ପରି ସେମାନେ **"ରାଜ୍‌ନୀତି ଅର୍ଥ ଶାସନନୀତି"** ଭିତରେ ଅନ୍ତର ବୁଝାଇ ଦେଇ ସମାଜ ପାଇଁ ସ୍ମରଣୀୟ ନାମ।

୩) ପୁଣି ସେହି ମହାପୁରୁଷ ମାନେ ସାହିତ୍ୟର ଅର୍ଥ ସମାଜର ହିତ ବୁଝି ଏବଂ ସମାଜ ପାଇଁ ସ୍ୱସ୍ତିବାଚକ ବୁଝାନ୍ତି। ସେମାନେ କାଗଜ ଘଷ କରି ସାହିତ୍ୟ ସଭା ନାମରେ ପ୍ରହସନର ପାଂଶୁଳ ପର୍ବକୁ ବ୍ୟକ୍ତିଗତ ସାହିତ୍ୟଶାଳା ଭାବି ନାପସନ୍ଦ କରନ୍ତି ବରଂ ସନ୍ଥ କବି ଗଣଙ୍କ ପଂକ୍ତିର ଯୋଗ୍ୟତା ଥାଇ ଆବୃରି କରି ପାପୀ କୁ ନୁହେଁ ପାପକାର୍ଯ୍ୟକୁ ରୋକ୍ ଠୋକ୍ ବିରୋଧ କରନ୍ତି ନିମ୍ନ କବିତା ମତେ।

ସାରସ୍ୱତ ସାଧକତ ସରସ୍ୱତୀ ସୁତ, ବାକ୍ ବ୍ରହ୍ମ ତାର ସଞ୍ଜିବନୀ ବୁଟୀ
ଶଙ୍ଖଶିଳାରେ ତା ସାହିତ୍ୟ କୋଣାର୍କ ଜାତି ଚୈତ୍ର ଗାନ ପାଇଁ ମୂକସାକ୍ଷୀ।
ସାଧୁ ସମତାର କଲମ କାଠିରେ ସମାଜର ହିତ ଦିଗ୍ ଦର୍ଶନ ଥାଇ
ପରିବର୍ତ୍ତନର ଭାଷ୍ୟକାର ସାଜି ଇଷ୍ଟକୁ ଭୁଲି ସେ ନଷ୍ଟ ନ ହୋଇ।
ଆଗ୍ନିକ ତା ମସୀ ଅସୀ ଠାରୁ ତୀକ୍ଷ୍ଣ ବଦଳାଇ ଦିଏ ଇତିହାସ ମୋଡ
ତା ରଚିତ ଗ୍ରନ୍ଥ ମନ ଗ୍ରନ୍ଥୀ ଗୁନ୍ଥୀ ଗାନ୍ଥୀ ଦେଇଯାଏ ଆନପାଇଁ ନୀଡ଼।

୧୯୮୦ ମସିହା ଠାରୁ ଓଡ଼ିଶାରେ ମାନବଧର୍ମର ପ୍ରବର୍ତ୍ତକ,
ବାରିପଦା, ଚଳଭାଷ-୯୪୩୯୪୮୦୦୦୦

### ୨୬ତମ କଳାହାଣ୍ଡି ଉତ୍ସବ ଅବସରରେ କୃଷି ଆୟର ଦ୍ୱିଗୁଣନ ପ୍ରକ୍ରିୟା ଶୀର୍ଷକ ସଂପାନ

# 'କୃଷିକ୍ଷେତ୍ର ପ୍ରତି ଗୁରୁତ୍ୱ ବର୍ତ୍ତମାନ ସମୟର ବଡ଼ ଆହ୍ୱାନ'






**ଭବାନୀପାଟଣା, ୧୭ ।୧(ସମିସ)**

ଆଜିର ଦିନରେ କୃଷିକ୍ଷେତ୍ର ପ୍ରତି ଗୁରୁତ୍ୱ ଦେବା ଏକ ଆହ୍ୱାନ ହୋଇ ଛିଡ଼ା ହୋଇଛି । ଜିଲ୍ଲାର ଧାନ ଉତ୍ପାଦନ ଆଜି ରେକର୍ଡ କରିଛି; କିନ୍ତୁ କୃଷି ଓ କୃଷିଜାତ ସାମଗ୍ରୀର ବିପଣନକୁ ନେଇ ଅନେକ ସମସ୍ୟା ରହିଛି । ଗୁଣାତ୍ମକ ତଥା ଢାଞ୍ଚାଗତ ପରିବର୍ତ୍ତନ ଓ ନିରନ୍ତର ଉଦ୍ୟମ ଜରିଆରେ କୃଷିକୁ ଏକ ଲାଭଜନକ ବ୍ୟବସାୟ ଓ ବୃତ୍ତି ଭାବେ ପରିଗଣିତ କରାଯାଇ ପାରିବ । ଜିଲ୍ଲାର ବିଶାଳ କୃଷି ଭିତ୍ତିଭୂମି ଆଗାମୀ ଦିନରେ ରାଜ୍ୟ ତଥା ଦେଶର ଅର୍ଥନୀତିରେ ଏକ ସମ୍ମାନଜନକ ସ୍ଥାନ ହାସଲ କରିବ । ସୁନିୟନ୍ତ୍ରିତ ଯୋଜନା, ଠିକ ସୂଚନା ଓ କଠିନ ପରିଶ୍ରମ କୃଷି ଉପରେ ନିର୍ଭରଶୀଳ ଏ ଜିଲ୍ଲାର ବାହ୍ୟ ସ୍ଥାନାନ୍ତରଣ ରୋକିବା ସହିତ ଜିଲ୍ଲାର କୃଷିଜୀବୀଙ୍କୁ ପୂର୍ଣ୍ଣ ସ୍ୱାବଲମ୍ବୀ ହେବାରେ ସହାୟକ ହେବ ବୋଲି ୨୬ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ଅବସରରେ ଅନୁଷ୍ଠିତ ସଂପାନରେ ଆଲୋଚକମାନେ ମତ ଦେଇଛନ୍ତି । ସ୍ଥାନୀୟ ଟାଉନ ହଲଠାରେ 'କୃଷି ଆୟର ଦ୍ୱିଗୁଣନ ପ୍ରକ୍ରିୟା' ଶୀର୍ଷକ ଏକ ସଂପାନ ଆୟୋଜିତ ହୋଇଥିଲା । ଏଥିରେ ଓୟୁଏଟି, ଭବାନୀପାଟଣାର ସହକାରୀ ନିର୍ଦ୍ଦେଶକ ଡ. ଭବାନୀଶଙ୍କର ନାୟକ, ଓୟୁଏଟି, ଭବାନୀପାଟଣା ଅର୍ଥନୀତି ବିଭାଗର ଡ. ଆର୍.କେ ରାଉତ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ରଜନୀକାନ୍ତ ରଥ, ଅତିରିକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ କେଦାର ଖମାରୀ, ମତ୍ସ୍ୟ ବିଭାଗର ଉପନିର୍ଦ୍ଦେଶକ ଅରୁଣ ବେହେରା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱେଶ୍ୱର ସାହୁ, ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ କିଶୋର କୁମାର ମହାଲିଙ୍ଗ, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ମୁଖ୍ୟ ଚିତ୍ରସେନ ଭୁଏ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ସଂପାନ ଉପକମିଟିର ସଭାପତି ତଥା ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସଞ୍ଜୟ ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ସଞ୍ଜିତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପକମିଟିର ସହ ଅଧ୍ୟକ୍ଷ ପ୍ରଫେସର ସୀମାଞ୍ଚଳ ମିଶ୍ର ସ୍ୱାଗତ ଅଭିଭାଷଣ ଓ ସଦସ୍ୟ ସୁଢ଼ଳଦେବ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାଳଗୋପାଳ ସେବା ନିକେତନର ଅନ୍ତେବାସୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଉପକମିଟିର ନୋଡ଼ାଲ ଅଫିସର ଭୂପିନ୍ଦର ସିଂହ, ଆବାହକ ଶେଷଦେବ ମିଶ୍ର, ବିଶ୍ୱରଞ୍ଜନ ବେହେରା, ପ୍ରତାପ ପଣ୍ଡା, ଦୁର୍ଗା ପ୍ରସାଦ ବେହେରା ପ୍ରମୁଖ ସେମିନାର ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୩ଶହରୁ ଅଧିକ ଚାଷୀ, ବୁଦ୍ଧିଜୀବୀ, ସାଧାରଣ ନାଗରିକ ଏବଂ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଧର୍ମଗଡ଼ରେ କଳାହାଣ୍ଡି ଉତ୍ସବ 'ଘୁମରା'ର ଦ୍ୱିତୀୟ ସନ୍ଧ୍ୟା



**ଧର୍ମଗଡ଼, ୧୭ ।୧(ସମିସ):** ଧର୍ମଗଡ଼ଠାରେ ଆୟୋଜିତ କଳାହାଣ୍ଡି ଉତ୍ସବ ଘୁମରା-୨୦୨୪ର ଦ୍ୱିତୀୟ ସନ୍ଧ୍ୟାରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ଼ି, କଳାହାଣ୍ଡି ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜି, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ପ୍ରମୁଖ ମଞ୍ଚାସୀନ ଥିଲେ । ଉତ୍ସବ କମିଟିର ଅଧ୍ୟକ୍ଷ ତଥା ଧର୍ମଗଡ଼ ଉପଜିଲ୍ଲାପାଳ ବିରଞ୍ଚିନାରାୟଣ ଦରୱାନ ଅଧ୍ୟକ୍ଷତା କରିଥିଲେ । ତହସିଲଦାର ସଞ୍ଜୟ ସାମନ୍ତରା ସ୍ୱାଗତ ଅଭିଭାଷଣ ଦେଇଥିଲେ । ଲିଙ୍ଗରାଜ ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଅତିରିକ୍ତ ତହସିଲଦାର ଅଜିତ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଭବାନୀପାଟଣା ସୁଗମ ସଙ୍ଗିତ, ଧର୍ମଗଡ଼ କଳାବିକାଶ କେନ୍ଦ୍ର, ପଞ୍ଜାବର ଭାଙ୍ଗଡା ଗିଦ୍ଦି, ବରଗଡ଼ର କଳାଜିବି, ମୋନାଲିସା ବାନାର୍ଜୀ, ଶ୍ରଦ୍ଧାଞ୍ଜଳି ସାହୁ, ଭବାନୀପାଟଣାର ମାଁ ମୃଣ୍ମୟୀ ବଜାଶାଳ, ଜୁନାଗଡ଼ କଳାବିକାଶ କେନ୍ଦ୍ରର କଳାକାର ନାଚଗୀତ ପରିବେଷଣ କରିଥିଲେ । ଗୋବର୍ଦ୍ଧନ ବାଗ, ରାଜେନ୍ଦ୍ର ମୁନି, ସଂଜୀବ ମୁଣ୍ଡ, ମାନସ ରଞ୍ଜନ ମୁଣ୍ଡ, ପ୍ରାଞ୍ଜଳ ଠାକୁର, ପ୍ରଶାନ୍ତ ପଣ୍ଡା, ଗୋପାଳ ମେହେର ପରିଚାଳନା କରିଥିଲେ ।

## ଚିତ୍ରକଳା ପ୍ରଦର୍ଶନୀ

**ଭବାନୀପାଟଣା, ୧୭ ।୧(ସମିସ):** ୨୬ତମ କଳାହାଣ୍ଡି ଉତ୍ସବ ଅବସରରେ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ପରିସରରେ ଏକ ଚିତ୍ରକଳା ପ୍ରଦର୍ଶନୀ ସ୍ଥାନୀତ ହୋଇଛି । ଚିତ୍ରକଳା ପ୍ରତି ଆକୃଷ୍ଟ ହୋଇ ପ୍ରଦର୍ଶନୀସ୍ଥଳରେ ଲୋକେ ଭିଡ ଜମାଉଥିବାବେଳେ ଜିଲ୍ଲାର ମାଟି, ପାଣି, ପବନ ଓ ପ୍ରକୃତିରାଣୀର ଅପୂର୍ବ ସମ୍ଭାରକୁ ନେଇ କାନଭାସରେ ରଙ୍ଗତୂଳୀ ନେଇ ୨୫ ଜଣ ଚିତ୍ରଶିଳ୍ପୀ ତିଆରିଛନ୍ତି ଭଳିକି ଭଳି ଚିତ୍ରକଳା । ସନ୍ଧ୍ୟା ସମୟରେ ଏହି ପ୍ରଦର୍ଶନୀସ୍ଥଳରେ ଦର୍ଶକଙ୍କ ଭିଡ ଲାଗିରହୁଛି । ଉତ୍ସବର ପ୍ରଥମ ୨ଦିନ ୨୫ ଜଣ ନୂତନ ଓ ଅଭିଜ୍ଞ ଚିତ୍ରଶିଳ୍ପୀଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିବାବେଳେ ଉତ୍ସବର ପରବର୍ତ୍ତୀ୨ଦିନ ଦର୍ଶକମାନଙ୍କ ପାଇଁ ଏହା ପ୍ରଦର୍ଶନ ପାଇଁ ଉନ୍ମୁକ୍ତ ରହିବ । ଏହି ଚିତ୍ରକଳା ପ୍ରଦର୍ଶନୀକୁ ପ୍ରଦର୍ଶନୀ ଉପକମିଟିର ଅଧ୍ୟକ୍ଷ ଅକ୍ଷୟ ପଟ୍ଟନାୟକ, ସହ ଅଧ୍ୟକ୍ଷ ମନୋଜ ରାଉତ, ଆବାହକ ତରୁଣ ମହାପାତ୍ର, ସଦସ୍ୟ ବିଜନ ରେଡ୍ଡୀ, ସଂଗ୍ରାମ କେଶରୀ ସରାଫ,



ସ୍ମିତା ଚୌଧୁରୀ ପ୍ରମୁଖ ପରିଚାଳନା କରୁଛନ୍ତି । ଜିଲ୍ଲାର ବିଭିନ୍ନ ବ୍ଲକରୁ ଏହି କର୍ମଶାଳା ଓ ପ୍ରଦର୍ଶନୀରେ ଭାଗ ନେଇଥିବା ଚିତ୍ରଶିଳ୍ପୀମାନେ ଅନେକ ଉତ୍କୃଷ୍ଟ ଚିତ୍ର ତିଆରି କରିଛନ୍ତି ।

## ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

**ଭବାନୀପାଟଣା, ୧୭ ।୧(ସମିସ):** ୨୬ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ଅବସରରେ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ବ୍ୟାପି ଚାଲିଥିବା ଏହି ପ୍ରତିଯୋଗିତାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ, କଳାହାଣ୍ଡି ବିକାଶ ପରିଷଦର ଅଧ୍ୟକ୍ଷା ଡ. ସୁନୀତି ମୁଣ୍ଡ, ପୂର୍ବତନ ସଦର ବ୍ଲକ ଅଧ୍ୟକ୍ଷା ସନ୍ତୋଷିନୀ ଦାସ, ପୂର୍ବତନ ପୌରାଧ୍ୟକ୍ଷା ଲଳିତା ନାଏକ ପ୍ରମୁଖ ଯୋଗ ଦେଇଥିଲେ । ମହିଳା




ଉପସମିତିର ଅଧ୍ୟକ୍ଷା ଜ୍ୟୋତିରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଶେଷରେ ଆବାହକ ପ୍ରୀତି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ମହିଳା ଉପସମିତିର ସହଅଧ୍ୟକ୍ଷା ଯାଜ୍ଞସେନୀ ବେହେରା, ସଦସ୍ୟା ପୁଷ୍ପମିତ୍ରା କାନୁନଗୋ, ରାଜଲକ୍ଷ୍ମୀ ଦାସ, ସୁକାନ୍ତୀ ସରାଫଙ୍କ ସମେତ ବସନ୍ତ ପଟ୍ଟନାୟକ, ଗୀତା ପଟ୍ଟନାୟକ, ନୂପୁର ପଟ୍ଟନାୟକ, ସରୋଜା ମହାନ୍ତି, ସଂଯୁକ୍ତା ସା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ରଙ୍ଗୋଲି ପ୍ରତିଯୋଗିତାରେ ସସ୍ମିତା ତ୍ରିପାଠୀ ପ୍ରଥମ, ସୁଭଦ୍ରା ନାଏକ ଦ୍ୱିତୀୟ, ସନ୍ତୋଷିନୀ ନିଆଲ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଇପ୍‌ସିତା ପଣ୍ଡା, ଗୀତାଞ୍ଜଳୀ ପଟ୍ଟନାୟକ ଓ ସୁଲୋଚନା ପାଢ଼ୀ ବିଚାରକ ଦାୟିତ୍ୱ ତୁଲାଇଥିଲେ । ଏକକ ଅଭିନୟରେ କବିତା ଖୈତାନ ପ୍ରଥମ, ନିବେଦିତା ମହାନ୍ତି ଦ୍ୱିତୀୟ, ସୁଜାତା ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବିଚାରକ ଭାବେ ସ୍ୱର୍ଣ୍ଣକାନ୍ତି ବୈକାର, ମିନତୀ ବେହେରା, ଗୀତା ମହାନ୍ତି ଦାୟିତ୍ୱ ତୁଲାଇଥିଲେ । ସାଧାରଣଜ୍ଞାନ ପ୍ରତିଯୋଗିତାରେ ଦିବ୍ୟ ଶ୍ରୀକର ପ୍ରଥମ, ସରିତାରାଣୀ ରଥ ଦ୍ୱିତୀୟ, ଇତିଶ୍ରୀ ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବିଚାରକ ଭାବେ ହେମା ସାଠୁଆ, ଛନ୍ଦିତା ଦାସ, ମମତା ତ୍ରିପାଠୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ସେହିପରି ର୍‍ୟାମ୍ପ ୱାକ ଶୋ'ରେ ସସ୍ମିତା ରଣା ପ୍ରଥମ, ନିକିତା ବେହେରା ଦ୍ୱିତୀୟ, ତନୁଜା ବାଗ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ପ୍ରିୟା ଏସ୍, ସୁବିଦିତା ପଟ୍ଟନାୟକ ଓ ଲିଲି ବେହେରା ବିଚାରକ ଦାୟିତ୍ୱ ତୁଲାଇଥିଲେ ।

## ମାୟାବର୍ହା ହାଇସ୍କୁଲରେ ସୃଜନଶୀଳତା ଉତ୍ସବ

**ଡୁଙ୍ଗୁରିପାଲି, ୧୭ ।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ମାୟାବର୍ହା ହାଇସ୍କୁଲରେ ସୃଜନଶୀଳତା ଉତ୍ସବ ଆୟୋଜିତ ହୋଇଯାଇଛି । ପ୍ରଧାନଶିକ୍ଷକ ରବିଚନ୍ଦ୍ର ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।




ଉଦଯାପନୀ ଉତ୍ସବରେ ସୋନପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପରିଚାଳନା କମିଟିସଭାପତି ଘାସିରାମ ସାହୁ, ପ୍ରତିଷ୍ଠାତା ସମ୍ପାଦକ ଶାନ୍ତନୁ ପ୍ରଧାନ ଏବଂ ସିଂହିଯୁବା ହାଇସ୍କୁଲର ପ୍ରଧାନଶିକ୍ଷକ ଭରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେଣୁଧର ଚୌଧୁରୀ, ଭୋଳନାଥ ଛତର, ସତ୍ୟ ନାରାୟଣ ପଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ହିନ୍ଦୀ ଶିକ୍ଷକ ନନ୍ଦିଘୋଷ ବାରିକ ସ୍ୱାଗତ ଅଭିଭାଷଣ କରିଥିବା ବେଳେ ଖେଳ ଶିକ୍ଷକ ପ୍ରହଲ୍ଲାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସଞ୍ଜୀବ ପୂଜାରୀ, ମିନକେତନ ଦାଶ, ବିଭିଷଣ ଖମାରୀ ପ୍ରମୁଖ ସହଯୋଗ କରିଥିଲେ ।

## ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ




**ଉଲୁଣ୍ଡା,୧୭ ।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଧର୍ମଶାଳା ଯୁକ୍ତଦୁଇ ମହାବିଦ୍ୟାଳୟରେ ନୂଆଁ -ଓ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ପ୍ରାଧ୍ୟାପିକା ନମିତା ରଥ, ପ୍ରାଧ୍ୟାପକ ପ୍ରତୁଳ ଚନ୍ଦ୍ର ତ୍ରିପାଠୀ ଓ ଅଧ୍ୟାପକ ସତ୍ୟନାରାୟଣ ମହାକୁଡ ଯୋଗ ଦେଇଥିଲେ । ନୋଡ଼ାଲ୍ ଅଫିସର ପ୍ରାଧ୍ୟାପକ ଡକ୍ଟର ପୁରୁଷୋତ୍ତମ ମିଶ୍ରଙ୍କ ତତ୍ତ୍ୱାବଧାନରେ ଓ ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ଗୋବିନ୍ଦ ପଧାନ, କାଶୀନାଥ ମିଶ୍ର, ବିଭୀଷଣ ପଧାନ, ଗଦାଧର ପଧାନ ଓ ନୀଳାମ୍ବର ପଧାନ, ଅଜିତ ପାଣିଗ୍ରାହୀ, ରୋସନ ଶର୍ମା ପ୍ରମୁଖଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କଲେଜରେ ସେଲ୍‌ଫ ଡିଫେନ୍ସ ଟ୍ରେନିଂ କାର୍ଯ୍ୟକ୍ରମ




**ସୋନପୁର, ୧୭ ।୧(ସମିସ):** ନୂଆ-ଓ ଅଧୀନରେ ସୋନପୁର ମହାବିଦ୍ୟାଳୟରେ ସେଲ୍‌ଫ ଡିଫେନ୍ସ ଟ୍ରେନିଂ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୨୫ ତାରିଖ ଯାଏଁ ଏହା ଚାଲିବ । କଲେଜ ପରିସରରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଅଧ୍ୟକ୍ଷ ରାଜୀବ ଲୋଚନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପିକା ଡ. କଳ୍ପନା ମିଶ୍ର ଯୋଗ ଦେଇ ସେଲ୍‌ଫ ଡିଫେନ୍ସର ଉପାଦେୟତା ସଂପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପିକା ରାଜଲତା ଅଲିଭା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସଂଘମିତ୍ରା ନାଗ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡ. ମହେନ୍ଦ୍ର ଦାଶ, ନୀଳିମା ପ୍ରଧାନ, ସ୍ୱାଗତିକା ସାଗରିକା କଅଁରଙ୍କ ସହ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ କଲ୍ୟାଣୀ ମେହେର ଏବଂ ଲିଜା ବାଗ ଯୋଗ ଦେଇଥିଲେ ।

## ଇଭିଏମ୍ ଓ ଭିଭିପାଟ୍ ମେସିନ୍ ସଚେତନତା କେନ୍ଦ୍ର ଉଦ୍‌ଘାଟିତ

**ସୋନପୁର, ୧୭ ।୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଓ ସୋନପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ଇଭିଏମ ଓ ଭିଭିପାଟ ପ୍ରଦର୍ଶନୀ କେନ୍ଦ୍ର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିମଳେନ୍ଦୁ ରାୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ପ୍ରଦର୍ଶନୀ ମଡେଲ ବୁଥ୍ କେନ୍ଦ୍ରରେ ପ୍ରଶିକ୍ଷଣ ଏବଂ ସଚେତନତା ନିମନ୍ତେ ଇଭିଏମ ଏବଂ ଭିଭିପାଟ ମେସିନ ରଖାଯାଇଛି । ଜନସାଧାରଣ ଏହି କେନ୍ଦ୍ରକୁ ଆସି ଇଭିଏମ ମାଧ୍ୟମରେ କିଭଳି ମତଦାନ କରାଯାଏ ଏବଂ ଭିଭିପାଟ ମାଧ୍ୟମରେ କିପରି ନିଜେ ଦେଇଥିବା ଭୋଟ୍‌ର ଯାଞ୍ଚ କରିହେବ ତାହାର ପ୍ରଦର୍ଶନ କେନ୍ଦ୍ରରେ ନିୟୋଜିତ କର୍ମଚାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କୁ




ବୁଝାଇବା ସହ ଠିକ୍ ଭାବରେ ଭୋଟ ଦେବା ପ୍ରଣାଳୀ ଓ ମତଦାନର ମହତ୍ତ୍ୱ ସଂପର୍କରେ ଅବଗତ କରାଉଛନ୍ତି । ଜିଲ୍ଲାପାଳ ଉପସ୍ଥିତ ଜନସାଧାରଣଙ୍କୁ ମତଦାନ ପ୍ରଣାଳୀ ବୁଝାଇବା ସହ ମୁକ୍ତ ଏବଂ ଅବାଧ ମତଦାନର ଗୁରୁତ୍ୱ ସଂପର୍କରେ ଅବଗତ କରାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଡେପୁଟି କଲେକ୍ଟର (ନିର୍ବାଚନ) ଯଶସ୍ୱିନି ପୋଥାଳ, ବରିଷ୍ଠ ରାଜସ୍ୱ ସହାୟକ ତଥା ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ, ବରିଷ୍ଠ ନାଗରିକ, ସାମ୍ବାଦିକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସେହିପରି ସୋନପୁର ଉପଜିଲ୍ଲାପାଳ ଡ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଧ୍ୟ ଅନୁରୂପ ପ୍ରଦର୍ଶନୀ କେନ୍ଦ୍ରକୁ ଜିଲ୍ଲାପାଳ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଉପ- ଜିଲ୍ଲାପାଳ ଡଃ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ତହସିଲଦାର ବିଶ୍ୱରୂପା ରଥ, କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ମହିଳା କଲେଜ୍ ଓ ବିଭିନ୍ନ କଲେଜର ଛାତ୍ରଛାତ୍ରୀ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ଯଜ୍ଞ ଓ ରାମାୟଣ ପାରାୟଣ

**ବିନିକା, ୧୭ ।୧(ସମିସ):** ଜଗତ ଜନନୀ ମାଁ ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ସାରା ବିନିକା ଅଞ୍ଚଳ ଉତ୍ସବ ମୁଖରିତ ହୋଇଛିଫ ବଲାଙ୍ଗୀରରୁ ଆସିଥିବା ବ୍ୟାସ ସୁନିଲ କୁମାର ମିଶ୍ରଙ୍କ ଦ୍ୱାରା ରାମ ଚରିତ ମାନସ ପଠନ ଭକ୍ତଙ୍କୁ ବାନ୍ଧି ରଖିଥିଲା । ଶ୍ରୀକ୍ଷେତ୍ର ପୁରୀ ରାମଜୀ ମଠର ମହନ୍ତ ମହାରାଜ ବଂଶୀଧର ଦାଶଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଦେବୀ ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ପୂଜାରେ ବ୍ରହ୍ମା ଭାବେ ଭାସ୍କର ପୁରୋହିତ, ଆଚାର୍ଯ୍ୟ ସୁବାସ ଚନ୍ଦ୍ର ବଡ଼ପଣ୍ଡା, ସହାୟକ ଭାବେ ହରିଶ୍ଚନ୍ଦ୍ର ହୋତା, ଜୟ ନାରାୟଣ ପାଢ଼ୀ, ସଞ୍ଜୀବ ପାଢ଼ୀ, ଅଶ୍ୱିନୀ ମିଶ୍ର, ସର୍ଜନ ନାୟକ, ବାଲଗୋପାଳ ପୁରୋହିତ, ଉମା ବଲ୍ଲଭ ଷଡ଼ଙ୍ଗୀ, ଭକ୍ତରାମ ପାଣିଗ୍ରାହୀ, ସଦାନନ୍ଦ ପାଣ୍ଡିଆ, ଶ୍ରୀନାଥ ପଣ୍ଡା, ଗଜାନନ ପାଣ୍ଡିଆ, ଦେବାଶିଷ ପୁରୋହିତ ପ୍ରମୁଖ ଦାୟିତ୍ୱ ତୁଲାଉଥିବା ବେଳେ ଏଥିରେ କର୍ତ୍ତା ଭାବେ ସୁକନ୍ୟା ପାତ୍ର ଓ ସୁନିଲ ପାତ୍ର, ତପସ୍ୱିନୀ ମହାନ୍ତି ଓ କୈବର୍ତ୍ତ ମହାନ୍ତି, ଦିବ୍ୟାଲୋକା ମହାପାତ୍ର ଓ ଗୌରବ ପାଢ଼ୀ, ଅଲିମା ପଣ୍ଡା ଓ ଘାଶିରାମ ପଣ୍ଡା, ଶ୍ୟାମବାଇ ଅଗ୍ରୱାଲ ଓ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଶ୍ରୁତି ଅଗ୍ରୱାଲ ଓ ଅନନ୍ତ ଅଗ୍ରୱାଲ, ରୀନା ସୁବୁଦ୍ଧି ଓ ଦିଲ୍ଲୀପ ସୁବୁଦ୍ଧି, କମଳିନୀ ପୂଜାରୀ ଓ ପ୍ରଶାନ୍ତ ପୂଜାରୀ, ଗୀତାଞ୍ଜଳି ତ୍ରିପାଠୀ ଓ ସନ୍ତୋଷ ପଣ୍ଡା, ସୁଜାତା ମେହେର ଓ ଘନଶ୍ୟାମ ମେହେର, ବିଜୟ ଲକ୍ଷ୍ମୀ ନାଏକ ଓ ଦୁଃଖୀରାମ ନାଏକ, ଭିଲେଇର ଲକ୍ଷ୍ମୀ ଅଗ୍ରୱାଲ ଓ ପବନ ଅଗ୍ରୱାଲ, ମନ୍ତ୍ରୀ ନିରଞ୍ଜନ ପୁଝାରୀ ଓ ତାଙ୍କ ଧର୍ମପତ୍ନୀ ବୀଣାପାଣି ପୂଜାରୀ, ସହଯୋଗୀ କର୍ତ୍ତା ଭାବେ ଦୁହିତା ପାଣ୍ଡେ ଓ ଚନ୍ଦ୍ର ଶେଖର ପାଣ୍ଡେ, ଧୀରା ନାଏକ ଓ ଭୀମସେନ ନାଏକ, ନବାହ ପାରାୟଣ କର୍ତ୍ତା ବବିତା ତ୍ରିପାଠୀ ଓ ହିମାଂଶୁ ଶେଖର ତ୍ରିପାଠୀ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି ।

## ୭ଛାତ୍ରଛାତ୍ରୀଙ୍କୁ ବେଦାନ୍ତ ଜ୍ଞାନଶ୍ରୀ ପୁରସ୍କାର

**ଭବାନୀପାଟଣା, ୧୭ ।୧ (ସମିସ):** ଦଶମ ବୋର୍ଡ ପରୀକ୍ଷାରେ ଆଶାତୀତ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଲିମିଟେଡ ତରଫରୁ ପ୍ରୋତ୍ସାହନ ସ୍ୱରୂପ ବେଦାନ୍ତ ଜ୍ଞାନଶ୍ରୀ ପୁରସ୍କାର ଦିଆଯାଉଛି । ପ୍ରତିବର୍ଷ କଳାହାଣ୍ଡି ଉତ୍ସବ ଅବସରରେ ଏହି ପୁରସ୍କାର ଦିଆଯାଉଥିବାବେଳେ ଆଜି କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ର ତୃତୀୟ ସନ୍ଧ୍ୟାରେ ଜିଲ୍ଲାର ୭ଜଣ ଛାତ୍ରଛାତ୍ରୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଜିଗୀଷା ଭୋଇ, ଜ୍ଞାନରଞ୍ଜନ ଦାସ, ଓମଧ୍ୱନୀ ତ୍ରିପାଠୀ, ଉନ୍ନତି ବେମାଲ, ପ୍ରିୟଦର୍ଶିନୀ ନାଏକ, ନିଗମେଶ ମିଶ୍ର, ଦମୟନ୍ତୀ ନାଏକଙ୍କୁ ଉଲ୍ଲେଖନୀୟ ସଫଳତା ପାଇଁ ୨୦୨୪ ବର୍ଷର ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ବେଦାନ୍ତ ଲିମିଟେଡ ଆସୋସିଏଟ୍ ଉପସଭାପତି



ବିଭୁଦେନ୍ଦୁ ପଣ୍ଡାଙ୍କ ଉପସ୍ଥିତିରେ କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ଆରକ୍ଷୀ ଅଧୀକ୍ଷକ ଅଭିଳାଷ ଜୀ, ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର୍. କାଲାଇଭାନନ, ଉତ୍ତର ବନଖଣ୍ଡ ଅଧିକାରୀ ଅନୁରାଗ ମିଶ୍ର, ଆଇପିଏସ୍ ଅଜିଙ୍କ୍ୟ ବାବୁରାଓ, ପାଇକ କଶ୍ୟପ ପ୍ରମୁଖ ଏହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ ।

# ପାଣି ପଞ୍ଚାୟତର ଭୂମିକା ଉପରେ ସମସ୍ତେ ହେଲେ ଅବଗତ

**ହରଭଙ୍ଗା, ୧୭ ।୧(ସମିସ)**

ହରଭଙ୍ଗା ବ୍ଲକ ପଲସା କୁଟୁଣୀ ଡ୍ୟାମ୍ ନିକଟରେ ଜଳସମ୍ପଦ ବିଭାଗ ବୌଦ୍ଧ କ୍ଷୁଦ୍ର ଜଳ ସେଚନ ଆନୁକୂଲ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସୋରଜ ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବୌଦ୍ଧ କ୍ଷୁଦ୍ର ଜଳ ସେଚନ ବିଭାଗ ଅଧକ୍ଷୀଣ ଯନ୍ତ୍ରୀ ମନରଞ୍ଜନ ହାଁସାଦା, ଏସ୍‌ଡିଓ ଧରଣୀ କିସାନ, ସନ୍ତୋଷ ମହାପାତ୍ର, ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ଜ୍ଞାନ ରଂଜନ ଦିଗାଲ, ବ୍ଲକ କୃଷି ଅଧିକାରୀ ସବ୍ୟ ସାଚି ଦାସ, ପୁରୁଣାକଟକ ମତ୍ସ୍ୟ ଅଧିକାରୀ ରାକେଶ ସ୍ୱାଇଁ, କ୍ଷୁଦ୍ର ଜଳ ସେଚନ କନିଷ୍ଠ ଯନ୍ତ୍ରୀ ରମେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ପାଣି ପଞ୍ଚାୟତର ଗଠନ ଭୂମିକା, ଜଳ ସମ୍ପଦ ସୁରକ୍ଷା ଓ ସୁ ପରିଚାଳନା ନେଇ ଯୋଗ ଦେଇଥିବା କୃଷକ ସାଥି ଏସଏଚଜି ମହିଳାଙ୍କୁ ଅତିଥିମାନେ ମାର୍ଗ ଦର୍ଶନ ଦେଇଥିଲେ । ଏପରିକି ପଲସାକୁଟୁଣୀ ଡ୍ୟାମର ପୁନଃରୁଦ୍ଧାର କରାଯାଇ ଚାଷୀ କିପରି ସୁବିଧାରେ ପାଣି ପାଇ ପାରିବେ ତୁରନ୍ତ ବିଭାଗ



ପକ୍ଷରୁ ପଦକ୍ଷେପ ନିଆଯାଉ ବୋଲି ଉପାଧ୍ୟକ୍ଷ ସରୋଜ ପ୍ରଧାନ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ପାଣି ପଞ୍ଚାୟତ ଗଠନର ସଭାପତି, ସମ୍ପାଦକ, ମହିଳା ଗୋଷ୍ଠୀ, ଶତାଧିକ ଚାଷୀ ଯୋଗ ଦେଇଥିଲେ । ଏସ୍‌ଡିଓ ବିଭୁତି ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶେଷରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

**ଜୁନାଗଡ଼:** କଳାହାଣ୍ଡି ଜିଲ୍ଲା ବହୁମୁଖି ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ ଡାହାଣ କେନାଲ ଅଧୀନ ଚାଷୀଙ୍କୁ ନେଇ ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଲିଗୁଡାଠାରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି । ଏଥିରେ କିପରି ଜଳ ପରିଚାଳନା କରାଯିବ, କେମିତି ଚାଷୀ ସୂଚାରୁ ରୂପେ ଜଳ ପାଇପାରିବେ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିବା ବେଳେ ସଫଳ ଚାଷୀଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା । ଏଥିରେ କିଛି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଡାହାଣ କେନାଲ



ମରାମତି ଯୋଗୁଁ ବିଗତ ଦୁଇ ବର୍ଷ ପରେ ଚାଷୀ ଏହି କେନାଲ ମାଧ୍ୟମରେ ଚଳିତ ରବିଋତୁରେ ଜଳଯୋଗାଣ ଦ୍ୱାରା ଚାଷ କରିବାକୁ ସକ୍ଷମ ହୋଇଥିବାରୁ ଚାଷୀମାନେ ବିଭାଗୀୟ କର୍ମଚାରୀମାନଙ୍କୁ ସାଧୁବାଦ ଜଣାଇଛନ୍ତି । ଏଥିରେ ବିଭାଗୀୟ ସହକାରୀ ଅଧିକ୍ଷଣ ଯନ୍ତ୍ରୀ ଇଂ ରାମକୁମାର ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଶେଷଦେବ ବେହେରା, ସମ୍ମାନୀୟ ଅତିଥି ଭାବେ ଶୈଳେନ୍ଦ୍ର ରାଜ, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ମୁଣ୍ଡୁରାଗୁଡା ସରପଞ୍ଚ ତାରାଶଙ୍କର ରାୟଗୁରୁ, ଇଂ ପ୍ରତାପ ବେହେରା, ନିର୍ବାହୀ ଯନ୍ତ୍ରୀ ପ୍ରଣୟ ପ୍ରଧାନ, ଲକ୍ଷ୍ମଣ ସେଠି, ଶିଶିର ପଣ୍ଡା, ବିଗ୍ନେ ପଟ୍ଟନାୟକ, ନେଲସନ ଟାଙ୍ଗୀ, ସଫଳ ଚାଷୀ ଅଶୋକ ଚନ୍ଦ୍ର ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ପରିଡ଼ା, କୃଷି ଅଧିକାରୀ ରଞ୍ଜନ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

